

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 ✦ Issue No:77 ✦ 9 July 2026 (Thursday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୭୭ ✦ ୯ ଜୁଲାଇ ୨୦୨୬ (ଗୁରୁବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


## ଚୀନ୍‌ରେ 'ମାୟସକ୍' ତାଣ୍ଡବ:

# ବର୍ଷା-ବନ୍ୟା-ଭୂସ୍ଖଳନ ହାହାକାର, ୨୦ ମୃତ



ନୂଆଦିଲ୍ଲୀ,୮/୭; ଚୀନ୍‌ରେ ଗତ ୨୪ ଘଣ୍ଟାରେ ଝଡ଼ବର୍ଷା, ଭୟଙ୍କର ବନ୍ୟା ଏବଂ ଭୂସ୍ଖଳନ ତାଣ୍ଡବ ରଚିଛି । ଏଥିଯୋଗୁ ଅନ୍ୟୁନ ୨୦ ଜଣଙ୍କ ମୃତ୍ୟୁ ଘଟିଛି । ୩୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଜରୁରିକାଳୀନ ଭିତିରେ ଉଦ୍ଧାର କାର୍ଯ୍ୟ, ବିପର୍ଯ୍ୟୟ ମୁକାବିଲା ଏବଂ ଆହତଙ୍କ ଚିକିତ୍ସା ସୁନିଶ୍ଚିତ କରିବା ଲାଗି ସବୁପ୍ରକାର ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଅନୁସାରେ, ମଙ୍ଗଳବାର ଉତର ପଶ୍ଚିମ ଚୀନ୍‌ର ଗାନ୍‌ସୁ ପ୍ରଦେଶର ଏକ ସହରରେ ଭୂସ୍ଖଳନ ଯୋଗୁ ୩୩ ଜଣ ମାଟି ତଳେ ପୋତି ହୋଇଯାଇଥିଲେ । ସେମାନଙ୍କ ମଧ୍ୟରୁ ୫ ଜଣଙ୍କର ସେହିଠାରେ ହିଁ ମୃତ୍ୟୁ ଘଟିଥିଲା ୨୧ ଜଣଙ୍କୁ ବାହାର କରାଯାଇଥିଲା । ଅନ୍ୟମାନେ ନିଖୋଜ ଥିବାବେଳେ ସେମାନଙ୍କ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ପୂର୍ବ ହୁବେଇ ପ୍ରଦେଶରେ ସୋମବାର ରାତିରେ ଝଡ଼ବର୍ଷା, ବଜ୍ରପାତ ଏବଂ ତୀବ୍ରଗତିରେ ପବନ ଯୋଗୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି । ଜଣେ ନିଖୋଜ ଅଛନ୍ତି । ଏଠାରେ ୨୨ଟି କୋଠା ସମ୍ପୂର୍ଣ୍ଣ ଭାବେ ଭୁସୁଡ଼ି ପଡ଼ିଛି । ଅନ୍ୟୁନ ୪,୮୫୫ଟି ଘର କ୍ଷତିଗ୍ରସ୍ତ ହୋଇଛି । ଲିଉଲାନ୍ ରିଜର୍ଭରରେ ଥିବା ଡ୍ୟାମ୍ କାନ୍ଥର କେତେକ ଅଂଶ ଭାଙ୍ଗିଯାଇଛି । ଟାଇଫୁନ୍ ମେସାକ୍ ପ୍ରଭାବରେ ଗୁଆଙ୍ଗସିରେ ରେକର୍ଡ ବର୍ଷା ହୋଇଛି । ଏଥିଯୋଗୁ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଠାରେ ୪ ଜଣଙ୍କ ମୃତ୍ୟୁ ଘଟିଛି । ୮ ଜଣ ନିଖୋଜ ଅଛନ୍ତି । ଅନେକ ଅଂଚଳ ଜଳମଗ୍ନ ହୋଇଛି । ଏଠାରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସମସ୍ତ ପ୍ରଭାବିତଙ୍କ ନିକଟରେ ପହଂଚିବାକୁ ଜିନ୍‌ପିଙ୍ଗ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ କିଛି ମାସ ହେଲା ଚୀନ୍‌ରେ ଜଳବାୟୁ ପରିବର୍ତନ ପ୍ରଭାବରେ ବର୍ଷା, ବନ୍ୟା, ଭୂସ୍ଖଳନ ଭଳି ବିପର୍ଯ୍ୟୟ ଦେଖିବାକୁ ମିଳୁଛି । ବନ୍ୟା ଯୋଗୁ ସାପମାନେ ଆତଙ୍କ ଖେଳାଇଛନ୍ତି । କାରଣ ବନ୍ୟାଜଳ ପ୍ରବାହରେ ଏକ ଫାର୍ମ ଭାଙ୍ଗି ପଡ଼ିବା ପରେ ପ୍ରାୟ ୯୦୦ ସାପ ବାହାରକୁ ଚାଲି ଆସିଛନ୍ତି । ହାଙ୍ଗଝୌରେ ଝଡ଼ ଏବଂ ବନ୍ୟା ଯୋଗୁଁ ଏକ ଫାର୍ମ ଭାଙ୍ଗି ପଡ଼ିବାରୁ ସମସ୍ତ ସାପ ବାହାରକୁ ବାହାରି ଆସିଥିଲେ । ହଂକଂ ସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଅନୁଯାୟୀ, ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ଲୋକମାନେ ଅଟାଂଏ ପାଣିରେ ଠିଆ ହୋଇ ସାପ ଧରିବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳିଛି ।

## ଦିଲ୍ଲୀ, ରାଜସ୍ଥାନ, ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା



ନୂଆଦିଲ୍ଲୀ,୮/୭: ଦେଶରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାବେଳେ ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ର, ଗୁଜରାଟ, କେରଳ, ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ, ରାସ୍ତାଘାଟ ଜଳବନ୍ଦୀ ହେବା, ଗଛ ଉପୁଡ଼ି ପଡ଼ିବା ପରି ସ୍ଥିତି ଦେଖିବାକୁ ମିଳିଛି । ଦିଲ୍ଲୀ, ରାଜସ୍ଥାନ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ବୁଧବାର ସମଗ୍ର ଏନସିଆରରେ ଜଳବନ୍ଦୀ ଓ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖାଯାଇଛି । ସ୍ୱାଭାବିକତା ଫେରାଇ ଆଣିବା ପାଇଁ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ମହାରାଷ୍ଟ୍ରରେ ଜୁଲାଇ ୧ ତାରିଖରୁ ବର୍ଷା ଯୋଗୁ ପାଲଘର ଜିଲ୍ଲାରେ ୧୦ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ମହାରାଷ୍ଟ୍ରର ଜଳଗାଓଁ ଜିଲ୍ଲାର ଅମଲନେର ସହର ନିକଟରେ ଏକ ପାଣି ଭର୍ତି ଖଣିରେ ତିନି ଜଣ କିଶୋର ବୁଡ଼ି ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରୁ ଜଣେ ସେଲଫି ନେବାକୁ ଚେଷ୍ଟା କରିବା ସମୟରେ ଖସି ପଡ଼ିଥିଲା । ପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ବୁଡ଼ି ଯାଇଥିଲେ । ବର୍ଷା ପ୍ରଭାବିତ ମହାରାଷ୍ଟ୍ର ଓ ଗୁଜରାଟରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସେଠାକାର ସ୍ଥିତି ସମୀକ୍ଷା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହିତ କଥା ହୋଇ କେନ୍ଦ୍ରୀୟ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି । ବୁଧବାର ଦିନ ଉଲ୍ଲାସ ନଦୀରେ ପାଣି ପ୍ରବାହିତ ହେବା ପରେ ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାର ନେରାଲ ଓ କରଜତ ଷ୍ଟେସନ ମଧ୍ୟରେ ଟ୍ରେନ୍ ସେବା ପ୍ରାୟ ଗୋଟିଏ ଘଣ୍ଟା ପାଇଁ ବନ୍ଦ ରହିଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ସହ କଥା ହୋଇ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିର ସମୀକ୍ଷା କରିଛନ୍ତି ।

## କେରଳରେ ଭୂସ୍ଖଳନ; ୨ ମୃତ



ଥିରୁବନନ୍ତପୁରମ୍,୮/୭: କେରଳର ୱାୟାନାଡ ଜିଲ୍ଲାରେ ମଙ୍ଗଳବାର ଏକ ବଡ଼ ଭୂସ୍ଖଳନ ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଭଗ୍ନାବଶେଷ ତଳେ ଅନେକ ଫସି ରହିଥିବା ଆଶଙ୍କା କରାଯାଉଛି । ଏହି ଘଟଣା ମୀନାକ୍ଷୀ ସେତୁ ନିକଟରେ ଘଟିଛି, ଯେଉଁଠାରେ ଆନାକକ୍କାପୋଇଲ-ମେପାଡି ଟନେଲ୍ ରୋଡ୍ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି । ଭୂସ୍ଖଳନ ଖବର ପାଇବା ମାତ୍ରେ କାଲପେଟାରୁ ଅଗ୍ନିଶମ ଏବଂ ଉଦ୍ଧାର ସେବା ଦଳ ଘଟଣାସ୍ଥଳକୁ ପହଂଚିଥିଲେ । ଉଦ୍ଧାରକାରୀ ଦଳ ଏକ ସନ୍ଧାନ ଅଭିଯାନ ଆରମ୍ଭ କରିଛନ୍ତି, ଅଧିକାରୀମାନେ ଏପର୍ଯ୍ୟନ୍ତ କେତେ ଲୋକ ଫସି ରହିଛନ୍ତି ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ ସୋମବାର ସୁଡ଼ଙ୍ଗ ସ୍ଥାନରେ କାମ ବନ୍ଦ ରଖାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅଂଚଳରେ ପ୍ରାୟ ୨୬୫ ମିମି ବର୍ଷା ହୋଇଛି ଏବଂ ଅଧିକାରୀମାନେ ବିଶ୍ୱାସ କରୁଛନ୍ତି ଯେ ଏହି ପ୍ରବଳ ବର୍ଷା ଭୂସ୍ଖଳନର କାରଣ ହୋଇପାରେ । ଜରୁରୀକାଳୀନ ଦଳ ପହଂଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରୁ ତିନି ଜଣଙ୍କୁ ଉଦ୍ଧାର କରିଥିଲେ । ଅଧିକାରୀମାନେ କହିଛନ୍ତି ଯେ ଉଦ୍ଧାର କରାଯାଇଥିବା ଲୋକମାନେ ସୁଡ଼ଙ୍ଗ ରାସ୍ତା ପ୍ରକଳ୍ପରେ କାମ କରୁଥିବା ଶ୍ରମିକଙ୍କ ବାସସ୍ଥାନରେ ରହୁଥିଲେ । ଅଧିକାରୀମାନେ ଏପର୍ଯ୍ୟନ୍ତ ତଦନ୍ତ କରୁଛନ୍ତି ଯେ କୌଣସି ଶ୍ରମିକ କିମ୍ବା ନିକଟବର୍ତୀ ବାସିନ୍ଦା ଭଗ୍ନାବଶେଷ ତଳେ ଫସି ରହିଛନ୍ତି କି ନାହିଁ । ଭୂସ୍ଖଳନ ନିକଟସ୍ଥ ଆବାସିକ ଘର ଏବଂ ହୋମଷ୍ଟେଗୁଡ଼ିକୁ ମଧ୍ୟ ପ୍ରଭାବିତ କରିଛି, ଯାହା ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି । ନିର୍ମାଣ ସ୍ଥଳକୁ ଶ୍ରମିକମାନଙ୍କୁ ନେଇ ଯାଉଥିବା ଅନେକ ଗାଡ଼ି ଭଗ୍ନାବଶେଷ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ଅଧିକାରୀମାନେ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ ସୋମବାର ସୁଡ଼ଙ୍ଗ ସ୍ଥାନରେ କାମ ବନ୍ଦ ରଖାଯାଇଛି ।

## ମଧ୍ୟପ୍ରାଚ୍ୟରେ ପୁଣି ବଢ଼ିଲା ଉତେଜନା

ୱାଶିଂଟନ/ତେହେରାନ,୮/୭: ମଧ୍ୟପ୍ରାଚ୍ୟରେ ପୁଣିଥରେ ଉନ୍ତେଜନା ବଢ଼ିଛି । ହୋର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆମେରିକା ଇରାନର ୮୦ରୁ ଅଧିକ ଲକ୍ଷ୍ୟସ୍ଥଳ ଉପରେ ବଡ଼ଧରଣର ଏୟାରଷ୍ଟ୍ରାଇକ୍ କରିଥିବା ଦାବି କରିଛି । ଏହି ଆକ୍ରମଣରେ ଇରାନର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଥିବା ବେଳେ, ମାତ୍ର ୮ ସେକେଣ୍ଡ ମଧ୍ୟରେ କ୍ରମାଗତ ବିସ୍ଫୋରଣ ଘଟିଥିବା ଏକ ଭିଡିଓ ସାମ୍ନାକୁ ଆସିଛି ।ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ଏକ ଭିଡିଓ ସେୟାର କରିଛନ୍ତି । ଭିଡିଓରେ ପ୍ରାୟ ୮ ସେକେଣ୍ଡ ମଧ୍ୟରେ କ୍ରମାଗତ ୫ଟି ଶକ୍ତିଶାଳୀ ବିସ୍ଫୋରଣ ଦେଖିବାକୁ ମିଳୁଛି । ତେବେ ଭିଡିଓଟି ଇରାନର କେଉଁ ସ୍ଥାନର ବା ସେହି ଆକ୍ରମଣ ସହ ସମ୍ପୃକ୍ତ କି ନୁହେଁ, ସେନେଇ ଟ୍ରମ୍ପ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି । ଆମେରିକୀୟ କେନ୍ଦ୍ରୀୟ କମାଣ୍ଡର ଦାବି ଅନୁସାରେ, ହୋର୍ମୁଜ ପ୍ରଣାଳୀରେ ୩ଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣର ଜବାବରେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ କରାଯାଇଛି ।

# ଇଣ୍ଡୋନେସିଆରେ ବିଜୁଙ୍କୁ ପ୍ରଶଂସା କଲେ ମୋଦି

## କହିଲେ ବିଜୁଙ୍କ ପାଇଁ ମଜଭୁତ ହୋଇଛି ସମ୍ପର୍କ



ଜାକର୍ତା/ନୂଆଦିଲ୍ଲୀ, ୮/୭ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଇଣ୍ଡୋନେସିଆ ସଂସଦକୁ ସମ୍ବୋଧନ କରିବା ଅବସରରେ ସେଠାକାର ସ୍ୱାଧୀନତା ଆନ୍ଦୋଳନରେ ବିଜୁ ପଟ୍ଟନାୟକଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ । କହିଥିଲେ ଇଣ୍ଡୋନେସିଆର ନେତାମାନଙ୍କୁ ବିଜୁ ପଟ୍ଟନାୟକ ଯେଭଳି ଭାବେ ସୁରକ୍ଷିତ ଉଦ୍ଧାର କରି ଭାରତକୁ ନେଇଥିଲେ ସେଥିଯୋଗୁ ଦୁଇଦେଶର ସମ୍ପର୍କ ସବୁଦିନ ପାଇଁ ମଜଭୁତ ହୋଇପାରିଛି । ପ୍ରଧାନମନ୍ତ୍ରୀ କହିଥିଲେ ଭାରତଇଣ୍ଡୋନେସିଆ ଆଜି ଯେଉଁ ମଜଭୁତ ଭାଗିଦାରୀ ସହ ଆଗକୁ ବଢ଼ୁଛନ୍ତି ସେଥିରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେହି ସମୟରେ ବିଜୁ ପଟ୍ଟନାୟକ ଯୁଦ୍ଧଗ୍ରସ୍ତ ଅଂଚଳରୁ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ଶାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଭାରତ ଆଣିଥିଲେ । ବିଜୁ ପଟ୍ଟନାୟକଙ୍କ ଏହି ସାହସିକ ପଦକ୍ଷେପ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କକୁ ଆହୁରି ନିବିଡ କରିଛି । ମୋଦି କହିଥିଲେ ଯେ, ଉଭୟ ଦେଶ ଏକସମୟରେ ସ୍ୱାଧୀନତା ଲାଭ କରିଥିଲେ । ଇଣ୍ଡୋନେସିଆ ୧୯୪୫ରେ ସ୍ୱାଧୀନତା ଲାଭ କରିଥିଲା ବେଳେ ଭାରତ ୧୯୪୭ରେ ସ୍ୱାଧୀନତା ହାସଲ କରିଥିଲା । ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ଭାରତ ଦୃଢ଼ ସମର୍ଥନ କରିଥିଲା ବୋଲି ମୋଦି କହିଥିଲେ । ସୂଚନାଯୋଗ୍ୟ ଯେ ବିଜୁ ପଟ୍ଟନାୟକ ରାଜନୀତିକୁ ଆସିବା ପୂର୍ବରୁ ଜଣେ କୁଶଳୀ ପାଇଲଟ ଭାବେ ପରିଚିତ ଥିଲେ । ଇଣ୍ଡୋନେସିଆ ୧୯୪୫ ଅଗଷ୍ଟ ୧୭ ତାରିଖରେ ସ୍ୱାଧୀନତା ଲାଭ କରିଥିଲା । କିନ୍ତୁ ଡଚ୍ ଶାସନ ବିରୋଧରେ ୪ ବର୍ଷ ଧରି ସାମରିକ ଓ କୂଟନୈତିକ ସଂଘର୍ଷ ଜାରି ରଖିଥିଲା । ଯାହା ଇଣ୍ଡୋନେସିଆର ଜାତୀୟ ବିପ୍ଳବ ଭାବେ ପରିଚିତ । ଶେଷରେ ନେଦରଲାଣ୍ଡ ୧୯୪୯ ଡିସେମ୍ବରରେ ଇଣ୍ଡୋନେସିଆର ସାର୍ବଭୌମତ୍ୱକୁ ସ୍ୱୀକାର କରିଥିଲା । ୧୯୪୭ରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନରେ ବିଜୁ ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେତେବେଳେ ଜଣେ ଦକ୍ଷ ପାଇଲଟ ତଥା କଳିଙ୍ଗ ଏୟାର ଲାଇନ୍ସର ପ୍ରତିଷ୍ଠାତା ଥିବା ବିଜୁ ପଟ୍ଟନାୟକ ତାଙ୍କର ଡାକୋଟା ଡିସି-୩ ବିମାନ ଧରି ଡଚ୍ ନିୟନ୍ତ୍ରିତ ଅଂଚଳରେ ଅବତରଣ କରିଥିଲେ । ସେଠାରେ ସେ ଡଚ୍ ସୈନ୍ୟ ବାହିନୀକୁ ଚକ୍‌ମା ଦେଇ ସୁତାନ ଶାହରିର ଓ ମହମ୍ମଦ ହଟ୍ଟାଙ୍କ ସମେତ ଇଣ୍ଡୋନେସିଆର ଜାତୀୟତାବାଦୀ ନେତାମାନଙ୍କୁ ସୁରକ୍ଷିତ ଉଦ୍ଧାର କରି ଭାରତ ଆଣିଥିଲେ । ବିଜୁ ପଟ୍ଟନାୟକଙ୍କ ଏହି ସାହସିକ ପଦକ୍ଷେପ ଦୁଇଦେଶର ସମ୍ପର୍କକୁ ସୁଦୃଢ଼ କରିଥିଲା । ବିଜୁ ପଟ୍ଟନାୟକଙ୍କୁ ଇଣ୍ଡୋନେସିଆ ଭୂମିପୁତ୍ର ଉପାଧିରେ ସମ୍ମାନିତ ମଧ୍ୟ କରିଥିଲା

## ଏଲ୍ ନିନୋ: ୨୬୨ଟି ସମ୍ବେଦନଶୀଳ ଜିଲ୍ଲା ପାଇଁ ଜରୁରିକାଳୀନ ଯୋଜନା



ନୂଆଦିଲ୍ଲୀ,୮/୭: ଦେଶର ବିଭିନ୍ନ କ୍ଷେତ୍ର ଉପରେ ପ୍ରଶାନ୍ତ ମହାସାଗରୀୟ ଜଳବାୟୁ ସ୍ଥିତି 'ଏଲ୍ ନିନୋ'ର ସମ୍ଭାବ୍ୟ ପ୍ରଭାବ ଏବଂ ଏହାର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ.ମିଶ୍ରଙ୍କ ଅଧ୍ୟକ୍ଷତାରେ 'ସେବା ତୀର୍ଥ'ଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ୧୫ରୁ ଅଧିକ ମନ୍ତ୍ରଣାଳୟର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମୌସୁମୀର ସ୍ଥିତି ଏବଂ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକ ଉପରେ ଏହାର ପ୍ରଭାବକୁ ନିରନ୍ତର ନଜର ରଖିବା ସହ ରାଜ୍ୟଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଡକ୍ଟର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ପ୍ରମୁଖ ସଚିବ କହିଛନ୍ତି ଯେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ ଉପଲବ୍ଧ କରାଇବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ । ଏହି ଜିଲ୍ଲାଗୁଡ଼ିକରେ ଥିବା ଜଳାଶୟ ଓ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଉପରେ ନିୟମିତ ନଜର ରଖାଯାଉଛି । ଉପଲବ୍ଧ ଜଳର ସଦୁପଯୋଗ ଏବଂ ସୀମିତ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଏହା ସହିତ ଗୋରୁଗାଈଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଗୋଖାଦ୍ୟ ବିକାଶ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି । ସମସ୍ତ ମନ୍ତ୍ରଣାଳୟ ମିଳିତ ଭାବେ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜୁନ୍ ଏବଂ ଜୁଲାଇ ମାସର ବର୍ଷା ସ୍ଥିତି ଉପରେ ଏକ ବିବରଣୀ ଉପସ୍ଥାପନ କରାଯାଇଥିଲା । ଜୁଲାଇ ଏବଂ ଅଗଷ୍ଟ ମାସରେ ଦୁର୍ବଳରୁ ମଧ୍ୟମ ଧରଣର ଏଲ୍ ନିନୋ ସକ୍ରିୟ ହେବା ସମ୍ଭାବନା ରହିଛି । ଜୁଲାଇ ମାସରେ ସମଗ୍ର ମୌସୁମୀ ଋତୁର ପ୍ରାୟ ୩୦ ପ୍ରତିଶତରୁ ଅଧିକ ବର୍ଷା ହେଉଥିବାରୁ ଏହି ସ୍ଥିତି ଉପରେ ତୀକ୍ଷଣ ନଜର ରଖାଯାଇଛି । ତେବେ ଏଲ୍ ନିନୋ ସ୍ଥିତି ସତ୍ତ୍ୱେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର କୌଣସି ବାଧ୍ୟବାଧକତା ନାହିଁ ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି ।

## ଇରାନ ବିରୁଦ୍ଧରେ ଆମେରିକାର ବିମାନ ଆକ୍ରମଣ, ଟ୍ରମ୍ପ କ୍ରୋଧିତ



ୱାସିଂଟନ,୮/୭: ପଶ୍ଚିମ ଏସିଆରେ ଉନ୍ତେଜନା ପୁଣି ଥରେ ଏକ ବିପଜ୍ଜନକ ସ୍ଥିତିରେ ପହଂଚିଛି । ଗତ ମାସରେ ହୋଇଥିବା ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ଆହୁରି ବିପଦ ଆଡ଼କୁ ମୁହାଁଇଛି । ଆମେରିକା ମଙ୍ଗଳବାର ଦିନ ଇରାନ ବିରୁଦ୍ଧରେ ନୂତନ ସାମରିକ ଆକ୍ରମଣ ଆରମ୍ଭ କରିଛି । ଇରାନ ତୈଳର ଆନ୍ତର୍ଜାତୀୟ ବିକ୍ରୟ ପାଇଁ ଏକ ପ୍ରମୁଖ ଛାଡକୁ ପ୍ରତ୍ୟାହାର କରିଛି । ଏହି କାର୍ଯ୍ୟାନୁଷ୍ଠାନ ହର୍ମୁଜ ପ୍ରଣାଳୀରେ ତିନୋଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରେ । ଆମେରିକାର ସେନା 'ଉରଘଞ୍ଜଉଙଗ' ଇରାନକୁ ଯୁଦ୍ଧବିରତି ଉଲ୍ଲଂଘନ ଏବଂ ଆଂଚଳିକ ସୁରକ୍ଷାକୁ ବିପଦରେ ପକାଇବାର ଅଭିଯୋଗ କରିଛି । ଇରାନ କଡ଼ା ପ୍ରତିକ୍ରିୟା ଦେଇ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ ଯୁଦ୍ଧବିରତି ଚୁକ୍ତିର ଉଲ୍ଲଂଘନ ବୋଲି କହିଛି । ଆମେରିକୀୟ ଉରଘଞ୍ଜଉଙଗ ଅନୁଯାୟୀ ସାମରିକ ବାହିନୀ ଇରାନ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଉପକୂଳବର୍ତୀ ନିରୀକ୍ଷଣ କେନ୍ଦ୍ର, କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ୍ ଲଂଚ ସ୍ଥାନକୁ ଟାର୍ଗେଟ କରିଥିଲା । ଇରାନୀ ଗଣମାଧ୍ୟମ ସିରିକ, କ୍ୱେଶମ୍ ଦ୍ୱୀପ ଏବଂ ବନ୍ଦର ଆବାସରେ ଅନେକ ବିସ୍ଫୋରଣ ହୋଇଥିବା ନିଶ୍ଚିତ କରିଛି । ଆମେରିକା ଜୁନ୍ ମାସରେ ଦିଆଯାଇଥିବା ଅନୁମତିକୁ ମଧ୍ୟ ପ୍ରତ୍ୟାହାର କରିନେଇଛି, ଯାହା ଅଧୀନରେ ଇରାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଏବଂ ପେଟ୍ରୋକେମିକାଲ୍ ଉତ୍ପାଦ ବିକ୍ରି କରିପାରିବ । ଇରାନକୁ ଏବେ ଜୁଲାଇ ୧୭ ତାରିଖ ସୁଦ୍ଧା ଏପରି ସମସ୍ତ କାରବାର ବନ୍ଦ କରିବାକୁ ପଡିବ । ଏହି ନିଷ୍ପତ୍ତି ପରେ, ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ତିନି ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । କତାର ଅଭିଯୋଗ କରିଛି ଯେ ଏହାର ଏଲଏନଜି ଟ୍ୟାଙ୍କର୍ ଅଲ୍ ରେକାୟତ୍ ସମେତ ତିନୋଟି ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ କରାଯାଇଥିଲା । ଡ୍ରୋନ୍ ଆକ୍ରମଣ ଯୋଗୁଁ ଟ୍ୟାଙ୍କର୍ ଇଞ୍ଜିନ୍ ରୁମ୍‌ରେ ନିଆଁ ଲାଗିଯାଇଥିଲା, ଯଦିଓ ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି । ଓମାନ ନିକଟରେ ଏକ ସାଉଦି ତୈଳ ଟ୍ୟାଙ୍କର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ।

## ଆଜି ଖୋଲିବ ହୀରାକୁଦର ୪ ଗେଟ୍

ସମ୍ବଲପୁର,୮/୭(ନି/ପ୍ର) :ରାଜ୍ୟରେ ବର୍ଷାର ପରିମାଣ କମୁଥିବା ବେଳେ ଉପରମୁଣ୍ଡରୁ ଆସୁଥିବା ପ୍ରବଳ ଜଳପ୍ରବାହ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସକାଳ ୧୧ଟାରେ ହୀରାକୁଦ ବନ୍ଧର ୪ଟି ଗେଟ୍ ଖୋଲି ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରତି ସେକେଣ୍ଡରେ ୧ ଲକ୍ଷ କ୍ୟୁସେକ ଜଳ ଛଡ଼ାଯିବାର ଯୋଜନା ରହିଛି । ସନ୍ଧ୍ୟା ସୁଦ୍ଧା ସ୍ଥିତିର ସମୀକ୍ଷା ପରେ ଆବଶ୍ୟକ ପଡ଼ିଲେ ଆଉ ୨ଟି ଗେଟ୍ ଖୋଲାଯିବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି ।ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୨୩ ଫୁଟ୍ ରହିଥିବା ବେଳେ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୨ ହଜାର କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଛି ।

## ହର୍ମୁଜ୍ ନିକଟରେ ଅଟକିଛନ୍ତି ୯ ଭାରତୀୟ ଜାହାଜ ଏବଂ ୧୯୮ ନାବିକ



ନୂଆଦିଲ୍ଲୀ,୮/୭: ଫେବ୍ରୁଆରି ୨୮ ତାରିଖରେ ପଶ୍ଚିମ ଏସିଆରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ମଙ୍ଗଳବାର ସୁଦ୍ଧା, ଭାରତକୁ ସାମଗ୍ରୀ ପରିବହନ କରୁଥିବା ୫୦ଟି ଭାରତୀୟ ଏବଂ ବିଦେଶୀ ପତାକାଧାରୀ ଜାହାଜ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛନ୍ତି, କିନ୍ତୁ ୯ଟି ଭାରତୀୟ ଜାହାଜ ହର୍ମୁଜ୍ ପ୍ରଣାଳୀ ନିକଟରେ ରହିଛି । ଜାହାଜରେ ୧୯୮ ଜଣ ଭାରତୀୟ ନାବିକ ଅଛନ୍ତି । ରିପୋର୍ଟ ହୋଇଥିଲା ଯେ, ଏହି ଭାରତୀୟ ଜାହାଜଗୁଡ଼ିକ ଏବେ ବି ଫସି ରହିଛନ୍ତି, କିନ୍ତୁ ଏବେ ସୂଚନା ପ୍ରକାଶ ପାଇଛି ଯେ, ସେଗୁଡ଼ିକ ଫସି ନାହାନ୍ତି, ବରଂ ସେମାନଙ୍କର ଏକ ଭିନ୍ନ ଉଦ୍ଦେଶ୍ୟ ଅଛି । ତେଣୁ ସେମାନେ ସେଠାରେ ଅଟକି ରହିଥିବା କୁହାଯାଉଛି । ଜାହାଜ ମନ୍ତ୍ରଣାଳୟର ଅଧିକାରୀ କହିଛନ୍ତି ଯେ ଜାହାଜଗୁଡ଼ିକ ବାଣିଜ୍ୟ ପାଇଁ ଅଟକି ରହିଛନ୍ତି କି କିଛି ଅନ୍ୟ କାର୍ଯ୍ୟ ଅଛି ତାହା ଜଣାପଡ଼ି ନାହିଁ । ଭାରତୀୟ ଜାହାଜଗୁଡ଼ିକ ନୂତନ ମାଲ ନେବା ପାଇଁ ପଶ୍ଚିମ ଏସିଆକୁ ଯିବା ପାଇଁ ଅପେକ୍ଷା କରିଛନ୍ତି କି ନାହିଁ ସେ ବିଷୟରେ ମଧ୍ୟ କୌଣସି ସୂଚନା ନାହିଁ ବୋଲି ମନ୍ତ୍ରଣାଳୟ କହିଛି । ଶିଳ୍ପ ବିଶେଷଜ୍ଞମାନଙ୍କ ଅନୁସାରେ ଜାହାଜ କମ୍ପାନିଗୁଡ଼ିକୁ ଏହି ଅଂଚଳକୁ ସେମାନଙ୍କର ଜାହାଜ ପଠାଇବା ପାଇଁ କିଛି ସମୟ ଲାଗିପାରେ । ତେବେ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅଧିକାରୀମାନେ କହିଛନ୍ତି ଯେ, ୧୮ଟି ଜାହାଜ ସୁରକ୍ଷିତ ଭାବରେ ପ୍ରଣାଳୀ ଦେଇ ଗତି କରିଛନ୍ତି । ଅବଶିଷ୍ଟ ୩୨ଟି ବିଦେଶୀ ପତାକା ଥିବା ଜାହାଜ ରହିଛି । ଏପର୍ଯ୍ୟନ୍ତ ଅତିକ୍ରମ କରିଥିବା ଜାହାଜ ମଧ୍ୟରେ ୧୯ଟି ବଲ୍କ କ୍ୟାରିଅର, ୧୪ଟି ଏଲପିଜି ଏବଂ ୧୨ଟି ଅଶୋଧିତ ତୈଳ ଟ୍ୟାଙ୍କର୍ ରହିଛି । ଅବଶିଷ୍ଟ ଜାହାଜ ମଧ୍ୟରେ ଦୁଇଟି ଏଲଏନଜି କ୍ୟାରିଅର ଏବଂ ଗୋଟିଏ କଣ୍ଟେନର ଜାହାଜ ଅନ୍ତର୍ଭୁକ୍ତ ରହିଛି ।




କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ତେଲକୋଇରେ ବର୍ଷା ବିପ୍ଳାତ :ବାହ୍ୟ ଜଗତରୁ ବିଚ୍ଛିନ୍ନ



ତେଲକୋଇ,୮/୭ (ନି/ପ୍ର) : କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇ ଅଂଚଳରେ ୨୪ ଘଟାଂର ଲଗାଣ ବର୍ଷା ବିପ୍ଳାତରେ ଲୋକେ ବେହାଲ ହୋଇ ପଡିଛନ୍ତି । ତେଲକୋଇ-ଜଗମୋହନପୁର ପୂର୍ତ୍ତ ରାସ୍ତାର ହନୁମନ୍ତିଆ ନାଳରେ ନିର୍ମାଣାଧୀନ ପୋଲର ସେଣ୍ଟ୍ରି ଧୋଇନେବା ସହ ଡ୍ରାଇଭର୍ସନ ରାସ୍ତା ମଧ୍ୟ ଧୋଇ ନେଇଛି ।ଫଳରେ ତେଲକୋଇକୁ ଏକ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି ।ସମାକୋଇ ନଦୀର ଡାକବଙ୍ଗଳା ନିକଟରେ ମଧ୍ୟ ନିର୍ମାଣାଧୀନ ପୋଲର ସେଣ୍ଟ୍ରି ମଧ୍ୟ ଧୋଇ ହୋଇ ଯାଇଛି । ଫଳରେ ନିର୍ମାଣାଧୀନ ପୋଲ ଗୁଡ଼ିକର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି କରଦାଙ୍ଗି ଘୁରୁଡିଆ ନାଳ ପୋଲ ଉପରେ ମଧ୍ୟ ୧୨ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି ।ସେହିପରି ପାଟଂମୁଣ୍ଡିଆ ନାଳରେ ପ୍ରବଳ ବର୍ଷା ଜଳ ପ୍ରବାହିତ ହେବାରୁ ପୋଲ ଧସି ପଡ଼ିଛି ।ଫଳରେ କରଦାଙ୍ଗି ଅଚଂଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି । ଅନ୍ୟ ପକ୍ଷରେ ତେଲକୋଇରୁ ୪୯ ନଂ ଜାତୀୟ ରାଜପଥକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।ଗତକାଲି ଭୋର ୪ଟାରୁ ଆଜି ଭୋର ୪ଟା ପର୍ଯ୍ୟନ୍ତ ଲଗାଣ ବର୍ଷା ଯୋଗୁଁ ରାସ୍ତା,ପୋଲ ଓ ଚାଷ କିଆରୀରେ ମଧ୍ୟ ଘାଇ ସୃଷ୍ଟି ହୋଇଛି ।ହନୁମନ୍ତିଆ ନାଳରେ ପ୍ରବଳ ବର୍ଷା ପାଣି ପ୍ରବାହିତ ଯୋଗୁଁ ଏକ ଦନ୍ତାହାତୀ ଅଟକି ରହିଥିଲା ।ପରେ ବର୍ଷାପାଣି ସୁଅ କମିବା ପରେ ହାତୀଟି ସୁରକ୍ଷିତ ଭାବେ ନିକଟସ୍ଥ ହନୁମନ୍ତିଆ ଜଙ୍ଗଲକୁ ଚାଲି ଯାଇଛି । କରଦାଙ୍ଗି ଘୁରୁଡିଆ ନାଳରେ ବର୍ଷା ପାଣି ସୁଅରେ ଏକ କାର ନାଳରେ ଭାସି ଯାଇଛି । କରଦାଙ୍ଗି ପଚାଂୟତ ସରେଇ ଗ୍ରାମର ଗୋଲଖ ପାତ୍ରଙ୍କ ପୁଅ ପ୍ରବୀଣ ପାତ୍ର ଏକ ଅଲଟୋ କାର ଯୋଗେ ଘୁରୁଡିଆ ପୋଲ ପାର ଘରକୁ ଫେରୁଥିବା ବେଳେ ହଠାତ୍ ଗାଡିର ଷ୍ଟାର୍ଟ ବନ୍ଦ ହୋଇଗଲା ।ଫଳରେ ପାଣି ସୁଅରେ କାରଟି ଭାସି ଯାଇଥିବା ଅଭିଯୋଗ କରିଛନ୍ତି ।

# ରୋଟାରୀ ଓ ଇନର ହ୍ୱିଲ କ୍ଲବ କେନ୍ଦୁଝରର ନୂତନ କାର୍ଯ୍ୟକାରିଣୀ



କେନ୍ଦୁଝର,୮/୭(ନି/ପ୍ର): କେନ୍ଦୁଝର ସଂସ୍କୃତି ଭବନରେ ରୋଟାରୀ କ୍ଲବ କେନ୍ଦୁଝର ଓ ଇନର ହ୍ୱିଲ କ୍ଲବର ମିଳିତ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇ ଉଭୟ କ୍ଲବର ନବନିର୍ବାଚିତ କାର୍ଯ୍ୟକାରିଣୀ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ରୋଟାରୀ ଗଭର୍ନର ଇନ୍ଦ୍ରଜିତ ସାହୁ ମୁଖ୍ୟ ଅତିଥି, ପାଟଣା ବିଧାୟକ ଅଖିଳ ନାଏକ ସମ୍ମାନିତ ଅତିଥି ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ପାତ୍ର ଓ ରୋଟାରୀ ଆସିଷ୍ଟାଂଟ ଗଭର୍ନର ବିଷ୍ଣୁ ପ୍ରସାଦ କେଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ଶ୍ରୀମତୀ ନିରୂପମା ସ୍ୱାଇଁ, ଡା. ମମତାରାଣୀ ଜେନା, ଶ୍ରୀମତୀ ସର୍ବାଣୀ ମହାପାତ୍ର ଓ ଶ୍ରୀମତୀ ମିନତୀ ମହାପାତ୍ର ନିଜ ନୂତନ ପଦବୀରେ ଶପଥ ଗ୍ରହଣ କରିଥିଲେ । ଏବଂ ପୂର୍ବତନ ପଦାଧିକାରୀମାନେ ନୂତନ କାର୍ଯ୍ୟକାରିଣୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।ଏହି ଅବସରରେ କ୍ଲବର ବାର୍ଷିକ ସ୍ମରଣିକା 'ଗୋନାସିକା' ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀ ସାହୁ ରୋଟାରୀର ସେବା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ରୋଟାରୀ ଫାଉଣ୍ଡେସନ୍‌କୁ ଅନୁଦାନ ଦେଇଥିବା ୧୦ ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଅବସରରେ ୪ ଜଣ ନୂତନ ସଦସ୍ୟ ରୋଟାରୀ କ୍ଲବ କେନ୍ଦୁଝରରେ ଯୋଗଦେଇ ଆନୁଷ୍ଠାନିକ ଭାବେ ସଦସ୍ୟତା ଗ୍ରହଣ କରିଥିଲେ । ଅପର୍ଣ୍ଣଭଦ୍ରା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇଂ. ଦେବବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଇକ୍ ଧକ୍କାରେ ଯୁବକ ମୃତ

ଚମ୍ପୁଆ, ୮/୭(ନି/ପ୍ର): ଚମ୍ପୁଆ ଏନଏସି ଅନ୍ତର୍ଗତ ମୌଲାନାଗୋଡା ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୂଳି ଗ୍ରାମର ଜଗନ୍ନାଥ ନାଏକ। ମିଳିଥିବା ସୂଚନା ଅନୁସାରେ, ଜଗନ୍ନାଥ ମୌଲାନାଗୋଡା ଛକରେ ଥିବା ଏକ ଦୋକାନରେ କାମ କରୁଥିଲେ । ଆଜି ସକାଳ ପ୍ରାୟ ସାଢ଼େ ଆଠ ଟା ସମୟରେ ସେ ଦୋକାନ ଖୋଲିବା ପାଇଁ ମାଲିକ ଘରୁ ଚାବି ଆଣି ମୌଲାନାଗୋଡା ଛକ ଆରପଟେ ଥିବା ଦୋକାନ ଖୋଲିବା ପାଇଁ ଚାଲି ଚାଲି ରାସ୍ତା ପାର ହେଉଥିବା ବେଳେ ଚମ୍ପୁଆ ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ବାଇକ୍ ଧକ୍କାରେ ଜଗନ୍ନାଥ ପ୍ରାୟ ଦଶ ଫୁଟ ଦୂରକୁ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ପଛପଟେ ପ୍ରବଳ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ଜଗନ୍ନାଥଙ୍କୁ ସଙ୍ଗେ ସଙ୍ଗେ ଏକ ଅଟୋ ଯୋଗେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ତେବେ ଡାକ୍ତରଖାନାରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଖବର ପାଇ ଚମ୍ପୁଆ ପୋଲିସ ଡ଼ାକ୍ତରଖାନାରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

# କେନ୍ଦୁଝରରେ ହେବ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ

କେନ୍ଦୁଝର,୮/୭(ନି/ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟର ଗରିବ ପରିବାରଙ୍କ ପାଇଁ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କିଲୋ ଚାଉଳ ପ୍ରଦାନ କରାଯାଉଛି । ଏହି ଜନହିତକର ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସମଗ୍ର ରାଜ୍ୟରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଛି ବୋଲି ଏହି କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ତଥା ପୂର୍ବତନ କୃଷକ ମୋର୍ଚ୍ଚା ସଭାପତି, ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ବରିଷ୍ଠ ନେତା ମହେଶ୍ୱର ସାହୁ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ, ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ କେନ୍ଦୁଝର ପାର୍କ ଲାଇନ ଅଡିଟୋରିଅମଠାରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ଏବଂ ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେବେ । ଏହାସହିତ ଜିଲ୍ଲା ବିଜେପି ସଭାପତି ଶ୍ରୀ ଶୁକଦେବ ମହାନ୍ତଙ୍କ ସମେତ ଅନେକ ବରିଷ୍ଠ ନେତୃବୃନ୍ଦ ଏବଂ ହଜାର ହଜାର ହିତାଧିକାରୀ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି । ଗରିବ କଲ୍ୟାଣ ଅଭିମୁଖେ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନାକୁ ନେଇ ସ୍ଥାନୀୟ ଅଂଚଳରେ ହିତାଧିକାରୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କେନ୍ଦୁଝର,୮/୭(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୧୭୫ ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି ।ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୪୭ ଟି, ସାମୁହିକ ଅଭିଯୋଗ ୨୮ଟି, ରେଡକ୍ରସ ସହାୟତା ପାଇଁ ଗୋଟିଏ ଆବେଦନ ଗ୍ରହଣ କରାଯାଇଛି ।, ୪୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର,ବନଖଣ୍ଡ ଅଧିକାରୀ ଧନରାଜ ଏଚ. ଡି,ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ ।



## ରଜ ମହୋତ୍ସବରେ ଡାକବାଜି ଯନ୍ତ୍ରକୁ ଗଣ୍ଡଗୋଳ ଘଟଣା : ୪ ଗିରଫ

ଧର୍ମଶାଳା,୮/୭(ନି/ପ୍ର) :ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ଅନ୍ତର୍ଗତ ଚଅପୋଇ ଗ୍ରାମରେ ରଜ ମହୋତ୍ସବ ଚାଲି ଥିବା ସମୟରେ ଡାକବାଜି ଯନ୍ତ୍ରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏହି ଘଟଣାରେ ଉଭୟ ପକ୍ଷରୁ ଠେଙ୍ଗା ଓ ପଥର ମାଡରେ ଉଭୟ ପକ୍ଷରୁ ପାଖାପାଖି ୧୦ରୁ ଉର୍ଦ୍ଧ ବ୍ୟକ୍ତି ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ବ୍ରହ୍ମବରଦା ଥାନାରେ ପୃଥକ ପୃଥକଭାବେ ଦୁଇଟି ମାମଲା ରୁଜୁ ହୋଇଥିଲା । ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ତେବେ କୌଣସି ସୂତ୍ରରୁ ପୁଲିସ ଖବର ପାଇ ଆଜି ଭୋର ସମୟରେ ଚଅପୋଇ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରି ୪ଜଣ ଯୁବକଙ୍କୁ ଗିରଫ କରିଥିଲା । ଚଅପୋଇ ଗ୍ରାମର ବିଦ୍ୟାଧର ବେହେରାଙ୍କ ପୁଅ ଗୋବିନ୍ଦ(୪୦),ଅଶୋକ ବେହେରାଙ୍କ ପୁଅ ପ୍ରତି ରଂଜନ ଓରଫ ଚନ୍ଦନ(୨୦),ଘନଶ୍ୟାମ ବେହେରାଙ୍କ ପୁଅ ଚକ୍ରଧର(୪୦) ଓ ପରମାନନ୍ଦ ବେହେରାଙ୍କ ପୁଅ କାର୍ତିକ(୩୭)ଙ୍କୁ ଆଜି ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି

## ବଣିଆପାଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲା ସଦସ୍ୟତା କାର୍ଯ୍ୟଶାଳା

କେନ୍ଦୁଝର, ୮/୭(ନି/ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦୁଝର ଦ୍ୱାରା ବଣିଆପାଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଜିଲ୍ଲା ସଦସ୍ୟତା କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଅଛି ଏଥିରେ ଓଡ଼ିଶା ପୂର୍ବ ପ୍ରାନ୍ତ ର ପ୍ରାନ୍ତ ପ୍ରମୁଖ ଅଧ୍ୟାପକ ଦିଲୀପ କୁମାର ଦାସ ମୟୂରଭଞ୍ଜ ବିଭାଗ ପ୍ରମୁଖ ସତ୍ୟପ୍ରିୟ ଦାସ କେନ୍ଦୁଝର ଜିଲ୍ଲା ପ୍ରମୁଖ ପ୍ରସନ୍ନ ପ୍ରଧାନ କେନ୍ଦୁଝର ନଗର ସଭାପତି ଓ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ନିରଞ୍ଜନ ସାହୁ ଓ ରାଜ୍ୟ କର୍ଯ୍ୟସମିତି ସଦସ୍ୟ ସମୀର ବାରିକ୍ ଜିଲ୍ଲା ସଂଯୋଜକ ସୋମନାଥ ମହାନ୍ତ ଅନ୍ୟାନ୍ୟ କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ ।



କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଜଙ୍ଗିରା ବଟେଶ୍ୱର ମନ୍ଦିର ପରିସରରେ କେନ୍ଦୁଝର ଗାୟତ୍ରୀ ପରିବାର ପକ୍ଷରୁ ବୃକ୍ଷଗଙ୍ଗା ଅଭିଯାନ

## ବନ୍ଧୁକ ମୁନରେ ପେଟ୍ରୋଲ ପମ୍ପରୁ ଲକ୍ଷାଧିକ ଟଙ୍କା ଲୁଟ, ତଦନ୍ତ ଆରମ୍ଭ

ବସ୍ତା,୮/୭(ନି/ପ୍ର): ବାଲେଶ୍ୱରଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଦରଡ଼ା ନିକଟସ୍ଥ ଏକ ପେଟ୍ରୋଲ ପମ୍ପରୁ ଗତକାଲି ବିଳମ୍ବିତ ରାତିରେ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଛି । ସୂଚନା ଅନୁସାରେ, ବସ୍ତା-ବାଲିଆପାଳ ରାସ୍ତାରେ ଥିବା ଦରଡ଼ା ପେଟ୍ରୋଲ ପମ୍ପରେ ଜଣେ ଗ୍ରାହକ ନିଜ ପରିବାର ସହ ପେଟ୍ରୋଲ ଭରୁଥିବା ସମୟରେ ଏକ ବୁଲେଟ୍ ମୋଟରସାଇକେଲରେ ଦୁଇଜଣ ମୁଖାପିନ୍ଧା ଯୁବକ ସେଠାରେ ପହଂଚିଥିଲେ । ସେମାନେ ପେଟ୍ରୋଲ ପମ୍ପର ସେଲ୍ସମ୍ୟାନଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଥିବା ବ୍ୟାଗ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏନେଇ ଆଜି ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ପେଟ୍ରୋଲ ପମ୍ପରେ ପହଚିଂ ଘଟଣାର ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୋଲିସ ପ୍ରୟାସ ଚଳାଇଥିବା ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ ଯେ, ସପ୍ତାହକ ପୂର୍ବରୁ ସିଂଲା ପୋଲିସ ଏକ ଆନ୍ତରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଧରି ସେମାନଙ୍କ ନିକଟରୁ ବନ୍ଧୁକ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା । ଏହା ପରେ ବାଲେଶ୍ୱର ସହରର ଅଡ଼ର ବଜାରରେ ଘଟିଥିବା ଗୁଳିକାଣ୍ଡରେ ଜଣେ ଯୁବ ବ୍ୟବସାୟୀଙ୍କ ପ୍ରାଣହାନି ଘଟିଥିଲା । ଏହି କ୍ରମାଗତ ଅପରାଧିକ ଘଟଣା ପରେ ଜିଲ୍ଲାର ଆଇନଶୃଙ୍ଖଳାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ତେବେ ବାଲେଶ୍ୱର ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ନେଇ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି ।

## ଲଘୁଚାପ ଜନିତ ବର୍ଷାର ପ୍ରଭାବ, ତିହିଡି ବ୍ଲକରେ ୫ଶହ ହେକ୍ଟର ଜମିରେ ଧାନତଳି ନଷ୍ଟ ଆଶଙ୍କା

ଭଦ୍ରକ, ୮/୭(ନି/ପ୍ର) :ଭଦ୍ରକ ଜିଲ୍ଲା ତିହିଡି ବ୍ଲକରେ ୪ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି ।ଏପରି ଅତ୍ୟଧିକ ବର୍ଷା ପାଇଁ ବ୍ଲକର ୩୧ ପଂଚାୟତରେ ୫ ଶହ ହେକ୍ଟର ଜମିରେ ଧାନତଳି ନଷ୍ଟ ହେବାର ଆଶଙ୍କା ଉପୁଜିଛି । ଏବେ ଧାନ ତଳି ଜମିରେ ବର୍ଷା ପାଣିରେ ଉବୁଟୁବୁ ହେଉଛି । ଖରିଫ ଧାନଚାଷ ପାଇଁ ତଳି ନଷ୍ଟ ହେବା ଆଶଙ୍କା ଉପୁଜିଥିବାରୁ ଚାଷୀମାନଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଛି । ରଜ ସଂକ୍ରାନ୍ତି ପରେପରେ ପାଗ ଅନୁକୂଳ ନହେବାରୁ ଚାଷୀମାନଙ୍କ ବତୁରୀ ତଳି ପକାଇବା ସମ୍ଭବ ହୋଇନଥିଲା । ଚାଷୀମାନେ ସଂକ୍ରାନ୍ତି ପରେ ଅନୁକୂଳ ପାଗ ଦେଖି ଧାନ ବିହନ ଗଜାକରି ଆତରା ତଳି ପକାଇଥିଲେ । ମାତ୍ର ଲଗାଣ ବର୍ଷା ହେବା ଯୋଗୁଁ ଏହି ତଳି ଜମିରେ ବର୍ଷା ପାଣି ବୁଡିରହିଛି । ବ୍ଲକରେ ମୋଟ ୧୯ହଜାର ୧୫ହେକ୍ଟର ଜମି ମଧ୍ୟରୁ ଚଳିତ ବର୍ଷ ୧୮ହଜାର ୮୯୧ହେକ୍ଟର ଜମିରେ ଧାନଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଜମି ମଧ୍ୟରୁ ୪ହଜାର ହେକ୍ଟର ଜମିରେ ବୁଣାଧାନ ଓ ଅବଶିଷ୍ଟ ଜମିରେ ରୁଆ ଧାନ ହେବ । ତେବେ ରୁଆ ଧାନ ପାଇଁ ମୋଟ ୧ହଜାର ୫ଶହ ହେକ୍ଟର ଜମିରେ ଧାନ ତଳିର ଆବଶ୍ୟକତା ରହିଛି । ତେବେ ଇତ୍ୟବସରରେ ୧ହଜାର ହେକ୍ଟର ଜମିରେ ତଳି ପଡ଼ି ସାରିଥିବା ବେଳେ ତନ୍ମଧ୍ୟରୁ ୫ଶହ ହେକ୍ଟର ଜମିରେ ତଳି ନଷ୍ଟ ହେବା ଆଶଙ୍କା ରହିଛି । କମ ଜମିରୁ ଅଧିକ ଅମଳ କରିବାକୁ ଏବେ ଚାଷୀମାନେ ଉନ୍ନତ କିସମର ବିହନ ଚାଷ କରିବାକୁ ପସନ୍ଦ କରୁଛନ୍ତି । ଏହି ବିହନର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ । ବିହନର ସର୍ବନିମ୍ନ ମୂଲ୍ୟ କୁଇଂଟାଲ ପ୍ରତି ୧୦ହଜାର ଟଙ୍କା ହୋଇଥିବା ବେଳେ କୁଇଂଟାଲ ପ୍ରତି ୧୫ରୁ ୨୦ହଜାର ଟଙ୍କାର ବିହନ ମଧ୍ୟ ବଜାରରେ ଉପଲବ୍ଧ ହେଉଛି । ତେବେ ତଳି ପଡ଼ିଥିବା ଏହି ମୂଲ୍ୟବାନ ବିହନ ନଷ୍ଟହୋଇଯିବା ଆଶଙ୍କାରେ ଏବେ ଚାଷୀମାନଙ୍କ ମନରେ ହତାଶ ଭାବ ସୃଷ୍ଟି ହୋଇଛି ।ପୁଣିଥରେ ଧାନ ଗଜା କରି ତଳି ପକାଇବା ସମୟ ସାପେକ୍ଷ ହୋଇଥିବାରୁ ଖରିଫ ଧାନ ଚାଷ ବାଧାପ୍ରାପ୍ତ ହେବା ସମ୍ଭାବନା ଉପୁଜିଛି । ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହନ୍ତି ଯେ,ଲଗାଣ ବର୍ଷା ଯୋଗୁଁ ଧାନତଳି ନଷ୍ଟ ହେବା ଆଶଙ୍କା ରହିଛି । ଆଗକୁ ପାଗ ଅନୁକୂଳ ରହିଲେ ଖରିଫ ଧାନଚାଷ ସୁବିଧାରେ ହୋଇପାରିବ ।

## ବର୍ଷେ ଧରି ପରିବାରକୁ ସାମାଜିକ ବାସନ୍ଦ, ଥାନାରେ ଅଭିଯୋଗ ପରେ ମଧ୍ୟ ମିଳୁନି ନ୍ୟାୟ

ପାରଳାଖେମୁଣ୍ଡି, ୮/୭(ନି/ପ୍ର): ଆଧୁନିକ ବିଜ୍ଞାନ ଯୁଗରେ ଭାରତ ଚନ୍ଦ୍ରରେ ପହଚିଂ ସାରିଥିବା ବେଳେ ଗଜପତି ଜିଲ୍ଲାର ଏକ ଗାଁରେ ଏବେ ବି ସାମାଜିକ ବାସନ୍ଦ ଭଳି ଅମାନବୀୟ କୁପ୍ରଥା ଅଭିଯୋଗ ସାମ୍ନାକୁ ଆସିଛି । ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଡାଳିମ୍ବପୁର ଗ୍ରାମର ଏକ ପରିବାର ପ୍ରାୟ ଗୋଟିଏ ବର୍ଷରୁ ଅଧିକ ସମୟ ଧରି ସାମାଜିକ, ଆର୍ଥିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ପୀଡ଼ିତ ପରିବାରର ଅଭିଯୋଗ ଅନୁଯାୟୀ, ଗ୍ରାମର କଥାକଥିତ ମୁଖିଆଙ୍କ ସହ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବୈଠକ କରି ସେମାନଙ୍କ ଉପରେ ଆର୍ଥିକ ଜରିମାନା ଲାଗୁ କରିଥିଲେ । ଜରିମାନା ଦେଇ ନପାରିବାରୁ ସେମାନଙ୍କୁ ସମାଜରୁ ବାସନ୍ଦ କରାଯାଇଥିବା ଦାବି କରାଯାଇଛି । ସାମୂହିକ ନଳକୂପ ବ୍ୟବହାର,



ଚାଷ ଜମିକୁ ପାଣି ଛାଡ଼ିବା, ଟ୍ରାକ୍ଟର ଓ ଶ୍ରମିକ ସହାୟତା ପାଇବା, ଗ୍ରାମର ଦୋକାନରୁ ସାମଗ୍ରୀ କିଣିବା, ଏପରିକି ମନ୍ଦିରରେ ଦର୍ଶନ କରିବା ଉପରେ ମଧ୍ୟ କଟକଣା ଲଗାଯାଇଥିବା ଅଭିଯୋଗ ରହିଛି । ଅଭିଯୋଗ ଆହୁରି ଗୁରୁତର ଯେ, ଗ୍ରାମର କୌଣସି ସାମାଜିକ କିମ୍ବା ମାଙ୍ଗଳିକ କାର୍ଯ୍ୟରେ ଉକ୍ତ ପରିବାରକୁ ଯୋଗଦେବାକୁ ଦିଆଯାଉନାହିଁ । ଯିଏ ଏହି ପରିବାର ସହ ସମ୍ପର୍କ ରଖିବେ, ସେମାନଙ୍କୁ ମଧ୍ୟ ସମାନ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଧମକ ଦିଆଯାଇଥିବା କୁହାଯାଇଛି । ଦୀର୍ଘଦିନ ଧରି ନିର୍ଯାତନା ସହି ନପାରି ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସ୍ପଷ୍ଟ ସମାଧାନ ବାହାରିନଥିବା ଅଭିଯୋଗ ହୋଇଛି । ବରଂ ଥାନାରେ ଅଭିଯୋଗ କରାଯାଇଥିବା ଜାଣିବା ପରେ କଥାକଥିତ ମୁଖିଆ ଓ ତାଙ୍କ ସମର୍ଥକମାନେ ଅଧିକ ଆକ୍ରୋଶ ପ୍ରଦର୍ଶନ କରିଥିବା ଏବଂ ଆଗକୁ ଆଉ କେଉଁଠି ଅଭିଯୋଗ କଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିବା ଦାବି କରାଯାଇଛି । ଏହାପରେ ପରିବାର ନିଜକୁ ଅସୁରକ୍ଷିତ ମନେ କରୁଥିବା ଏବଂ ଭୟଭୀତ ଅବସ୍ଥାରେ ଜୀବନ କାଟୁଥିବା କହିଛନ୍ତି । ପରିସ୍ଥିତିରେ ଅତିଷ୍ଠ ହୋଇ ପରିବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସମସ୍ତ ଘଟଣା ବଖାଣିଥିଲେ । ତେବେ କିଛି ଦିନ ପରେ ଶୁଣାଣି କରାଯିବ ବୋଲି କୁହାଯାଇଥିବା ଅଭିଯୋଗ କରିଛନ୍ତି ପୀଡ଼ିତମାନେ । ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ଏକ ଗ୍ରାମରେ ଯଦି ବର୍ଷେ ଧରି ସାମାଜିକ ବାସନ୍ଦ ଭଳି ଅଭିଯୋଗ ଚାଲିଥାଏ, ତେବେ ସମ୍ପୃକ୍ତ ବିଭାଗର ନଜରକୁ ଏହା କିପରି ଆସିଲା ନାହିଁ? ନା କି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ପ୍ରଶାସନ ନୀରବ ରହିଛି? ଏହି ପ୍ରଶ୍ନ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି ।

# ମାଲକାନଗିରି ଜିଲ୍ଲାପାଳଙ୍କ ମାର୍କାପାଲ୍ଲୀ ପଂଚାୟତ ଗସ୍ତ

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର

ମାଲକାନଗିର,୮/୭(ନି/ପ୍ର): ମାଲକାନଗିରି ବ୍ଲକ ଅନ୍ତର୍ଗତ ମାର୍କାପାଲ୍ଲୀ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ । ଏହି ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୫୬ଟି ସାମୁଦାୟିକ ସମସ୍ୟା ଭିତିକ ରହିଥିଲା । ଅଭିଯୋଗ ଶୁଣାଣୀ ସହ ଆଜି ମାଲକାନଗିରି ଜିଲ୍ଲାପାଳ ମାର୍କାପାଲ୍ଲୀ ପଂଚାୟତର ବିଭିନ୍ନ ଅଂଚଳ ଗସ୍ତ କରି ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ନିକଟରୁ ଅନୁଧ୍ୟାନ କରିଛନ୍ତି । ଏହି ଗସ୍ତ ସମୟରେ ଜିଲ୍ଲାପାଳ ମାର୍କାପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ 'ପ୍ରଗତି ପଥେ ଯୁବ ମାଲକାନଗିରି' କେନ୍ଦ୍ରରେ ପହଂଚି ସେଠାକାର ପରିଚାଳନା ବ୍ୟବସ୍ଥାକୁ ତଦାରଖ କରିଥିଲେ । ଏହା ସହିତ ସେ ପୋଡ଼ଭଟ୍ଟା ।ସ୍ଥିତ ଓଡ଼ିଶା ଜୀବିକା ମିଶନ ଅଧୀନରେ ଚାଲିଥିବା ଗୁରୁପ୍ରିୟା ସିଲେଇ ଉତ୍ପାଦକ ଗୋଷ୍ଠୀ କେନ୍ଦ୍ର ବୁଲିଦେଖିବା ସହ ସେଠାକାର ଆତ୍ମନିର୍ଭରଶୀଳ ମା'ମାନଙ୍କ ସହ ସିଧାସଳଖ ଭାବବିନିମୟ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହାପରେ କଉଡ଼ିଗୁଡ଼ାର ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ତଥା ସିନ୍ଧ୍ରିମାଲ ସ୍କୁଲର ଭିତିଭୂମି ଓ ପାନୀୟ ଜଳ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ । ଗସ୍ତ ସମୟରେ ଜିଲ୍ଲାପାଳ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ସୁବିଧା ଅସୁବିଧାକୁ ଶୁଣିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ଗୁରୁବାର ୯ ଜୁଲାଇ ୨୦୨୬

## ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନା

ଶଭଙ୍ଗୁର ଜୀବନରେ ବିଶ୍ୱର କଲ୍ୟାଣ ପାଇଁ ଐଶ୍ୱରୀୟ ଚେତନା ଜୀବନସ୍ରୋତରେ ମିଶାଇ ସମାଜର କଲ୍ୟାଣ ପାଇଁ ଏବଂ ଧରାପୃଷ୍ଠରୁ ଅଶୋଭନୀୟତାର ଚିତ୍ରକୁ ବଦଳାଇ ଜଗତର ସର୍ବବିଧ ମଙ୍ଗଳ ପାଇଁ ଯେଉଁ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନାର ମାର୍ଗଦର୍ଶକ ତଥା ସ୍ରଷ୍ଟା ହେଉଛନ୍ତି ଭଗବାନ ଶ୍ରୀ ସତ୍ୟସାଇ ବାବା । ଭଗବାନ ଶ୍ରୀ ସତ୍ୟସାଇଙ୍କ ବାର୍ତା ଏବଂ ଉଦାରତା ଦ୍ୱାରା ଅତିମାତ୍ରାରେ ବିହ୍ୱଳିତ ଅନେକ ବ୍ୟକ୍ତିମାନେ ନିଜର ବ୍ୟକ୍ତିଗତ ଉନ୍ନତି ଏବଂ ରୂପାନ୍ତରଣ ଲାଭ କରିଛନ୍ତି ତାଙ୍କ ଦିବ୍ୟ ସାନ୍ନିଧ ଲାଭ କରି । ବିଶ୍ୱପ୍ରେମ ଓ ତାହାକୁ ଅବଲମ୍ବନ କରିବା ଉପରେ ଶ୍ରୀ ସତ୍ୟସାଇଙ୍କଙ୍କ ପ୍ରଦନ୍ନ ଦିବ୍ୟ ବାଣୀ ଓ ଉପଦେଶ, ଓଡ଼ିଶା ତଥା ବିଭିନ୍ନ ରାଜ୍ୟ ତଥା ସମଗ୍ର ପୃଥିବୀର ଲକ୍ଷ ଲକ୍ଷ ହୃଦୟରେ ପହଚିଂଗଲାଣି । ଶ୍ରୀ ସତ୍ୟସାଇଙ୍କ ପ୍ରଦନ୍ନ ଶିକ୍ଷା, ସମସ୍ତ ସୀମା ସରହଦର ଅତୀତକୁ ଯାଇ, ଜାତି, ଧର୍ମ ଓ ସମ୍ପ୍ରଦାୟକତାର ଉର୍ଦ୍ଧ୍ୱରେ ପହଚିଂଗଲାଣି । ସାମାଜିକ ଦାୟିତ୍ୱକୁ ଆନନ୍ଦର ସହ ବହନ କରି, ବହୁ ବିବିଧତା ମଧ୍ୟରେ ଏକତା ଅନୁସନ୍ଧାନ କରିବା ପାଇଁ ସେ ତାଙ୍କ ଆଶ୍ରିତମାନଙ୍କୁ କହିଥାନ୍ତି । ଲକ୍ଷ ଲକ୍ଷ ଆଶ୍ରିତମାନଙ୍କ ସହ ଶ୍ରୀ ସତ୍ୟସାଇ ଆଜି ଜଣେ ବିଶ୍ୱଗୁରୁ ଭାବେ ଏବଂ ମାନବିକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି । ତାଙ୍କ 'ସର୍ନ୍ତଶୂନ୍ୟ ପ୍ରେମ'ର ବାଣୀ ଆଜି ନିଃସ୍ୱାର୍ଥ ସେବାକର୍ମର ସାକାର ରୂପ ଭାବେ ପ୍ରକାଶିତ ହୋଇ ସମଗ୍ର ବିଶ୍ୱବ୍ୟାପ୍ତ ସତ୍ୟସାଇ ସଙ୍ଗଠନର ସଦସ୍ୟମାନଙ୍କଠାରେ ସହସ୍ରାଧିକ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୁଦ୍ଧ କରୁଛି । ଏହି ଅତୁଳନୀୟ ଆଧ୍ୟାତ୍ମିକବାଦର ଉଦ୍‌ଘୋଷକ ସେହି ବ୍ୟକ୍ତିତ୍ୱ ଯିଏ ଏକା ଏକା ଶିକ୍ଷା ପଦ୍ଧତିକୁ ସଂଶୋଧନ କରି ତାହାକୁ ମୂଲ୍ୟବୋଧଭିତ୍ତିକ କଲେ, ବିଶ୍ୱାତ୍ମକ ସ୍ୱାସ୍ଥ୍ୟସେବାର ନୂତନ ସଂଜ୍ଞା ନିରୂପଣ କଲେ ଏବଂ ସମାଜସେବା ସହ ଆଧ୍ୟାତ୍ମିକତାକୁ ସମନ୍ୱିତ କଲେ । ତାଙ୍କ ଜୀବନ ଓ ବାର୍ନ୍ତା ଏଭଳି ଶକ୍ତିଶାଳୀ ଯେ, ବହୁ ଉଚ୍ଚଶିକ୍ଷିତ ଏବଂ ଉଚ୍ଚକୁଳଜାତ ପୁରୁଷ ଓ ମହିଳା ତଥା ଦରିଦ୍ରତମ ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ସେମାନଙ୍କ ପଥ ପ୍ରଦର୍ଶକ ଭାବେ ଗ୍ରହଣ କରିସାରିଲେଣି । ତାଙ୍କର ଅସୀମ ପ୍ରେମଭାବ, ଆନ୍ତର୍ଜାତୀୟ ସୁଖ୍ୟାତି ଏବଂ ଆଦୃଷ୍ଟପୂର୍ବ ଯଶକୀର୍ତ୍ତି ଦେଖି ଅନେକ ପ୍ରଶ୍ନ କରିବାକୁ ବାଧ ହେଲେଣି ଯେ, ''ପ୍ରକୃତରେ ସେ କିଏ ?'' 'ମୁଁ ଦିବ୍ୟସନ୍ତା ଏବଂ ତୁମ୍ଭେମାନେ ମଧ୍ୟ । ଆମ ଭିତରେ ପାର୍ଥକ୍ୟ ଏତିକି ଯେ, ମୁଁ ଜାଣେ ମୁଁ ଜଣେ ଦିବ୍ୟସନ୍ତା ତୁମ୍ଭେମାନେ ନିଜେ ଦିବ୍ୟସନ୍ତା ବୋଲି ଜାଣିନାହଁ ।' ତାଙ୍କ ପରିଚୟ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହା ଥିଲା ଭଗବାନ ଶ୍ରୀ ସତ୍ୟସାଇଙ୍କ ପ୍ରଦନ୍ନ ଉନ୍ତର । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ଦିବ୍ୟ ସ୍ୱଭାବ ହିଁ ତାଙ୍କ ମିଶନର ଆଧାର ଶୀଳା । ତାଙ୍କ ଆଶ୍ରିତ ଓ ଅନୁଗାମୀ ମାନଙ୍କୁ ସମ୍ଭାଷଣ ପ୍ରଦାନ କଲାବେଳେ ସେ ସମସ୍ତଙ୍କୁ ଦିବ୍ୟସ୍ୱରୂପ ବୋଲି ସମ୍ବୋଧନ କରିଥାନ୍ତି । ତାଙ୍କ ମିଶନ୍‌କୁ ସ୍ପଷ୍ଟ କରିବାକୁ ଯାଇ ସେ କହନ୍ତି, 'କୌଣସି ଧର୍ମକୁ ନଷ୍ଟ ବା ବ୍ୟାଘାତ ପହଁଚାଇବା ପାଇଁ ମୁଁ ଆସି ନାହିଁ; ବରଂ ପ୍ରତ୍ୟେକଙ୍କୁ ନିଜ ନିଜ ଧର୍ମରେ ପୁନଃପ୍ରତିଷ୍ଠିତ କରିବାକୁ ଆସିଛି । ଫଳରେ ଜଣେ ଖ୍ରୀଷ୍ଟିୟାନ୍ ଆହୁରି ଭଲ ଖ୍ରୀଷ୍ଟିଆନ୍ ହେବ, ମୁସ୍‌ଲିମ୍ ଆହୁରି ଭଲ ମୁସଲିମ୍ ହେବ ଏବଂ ହିନ୍ଦୁ ଆହୁରି ଭଲ ହିନ୍ଦୁ ହୋଇପାରିବ ।' ତାଙ୍କ ନିଜ ଭାଷାରେ ସେ କହନ୍ତି, 'ସମଗ୍ର ମାନବଜାତିକୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ଏକ ପରିବାରଭୁକ୍ତ କରିବା, ପ୍ରତ୍ୟେକ ଜୀବର ଅନ୍ତର୍ନିହିତ ସତ୍ୟକୁ ଆଲୋକିତ ତଥା ପ୍ରତିପାଦିତ କରିବା, ଯେଉଁ ଦୈବତ୍ୱ ସମଗ୍ର ଜଗତର ଆଧାର ତାହା ଦର୍ଶାଇ ଦେବା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଦିବ୍ୟ ବନ୍ଧନକୁ ଚିହ୍ନାଇବା ପାଇଁ ସାଇ ଆସିଛନ୍ତି, ଯାହା ଫଳରେ ମଣିଷ, ତା'ଜୀବନର ଲକ୍ଷ, ଦୈବୀସ୍ତରକୁ ଉତ୍‌ଥିତ ହୋଇପାରିବ । ମଣିଷ ସାର୍ଥକ ଜୀବନ ଯାପନ କରିବା ପାଇଁ ସେ ଯେଉଁ ସୂତ୍ର ଯୋଗାଇ ଦେଇଛନ୍ତି ତାହା ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ରୂପକ ପଞ୍ଚାଙ୍ଗମାର୍ଗ । 'ଦୈବ ପ୍ରୀତି, ପାପଭୀତି ଓ ସଂଘ ନୀତି' ହେଉଛି ଏ ପୃଥିବୀକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ତାଙ୍କ ପ୍ରଦନ୍ନ ଔଷଧାଦିର ବ୍ୟବସ୍ଥା ପତ୍ର । ତାଙ୍କ ଦ୍ୱାରା କରାଯାଇଥିବା ଅସଂଖ୍ୟ ସେବା ପ୍ରକଳ୍ପ ତାଙ୍କ ଅନୁକମ୍ପାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେ ନିର୍ମଳ ପ୍ରେମର ଏକ ଅସରନ୍ତି ଭଣ୍ଡାର । 'ମୋ ଜୀବନ ହିଁ ମୋର ବାର୍ତା ।' ଏହି ଉଦ୍‌ଘୋଷଣାକୁ ସତ୍ୟ ପ୍ରକାଶିତ କରି ନିଃସ୍ୱାର୍ଥ ସେବା ଦ୍ୱାରା ମୁକ୍ତିଲାଭ କରିବାକୁ ଉପଦେଶ ଦେଇ ସେ କହନ୍ତି, 'ମାନବର ସେବା ହିଁ ମାଧବର ସେବା ।' ଆଜି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଦଳଗତ ସେବାକାର୍ଯ୍ୟ, ସ୍ଥାନୀୟ, ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦେଶ ତଥା ବିଶ୍ୱର ଉପକାର ସମ୍ପାଦନ କରିଚାଲିଛି । ଭଗବାନ ଶ୍ରୀ ସାଇ ହେଉଛନ୍ତି ସର୍ବରୂପୀ ହରି । ସେ ପ୍ରତିଷ୍ଠା କରିଥିବା ଦେବାଳୟ, ବିଦ୍ୟାଳୟ, ଚିକିତ୍ସାଳୟ ଓ ନ୍ୟାୟାଳୟ ଭିତରେ ଆମ୍ଭେମାନେ ଯେଉଁମାନେ ଆଧ୍ୟାତ୍ମିକ ପିପାସୁମାନେ ଦେବାଳୟକୁ ପ୍ରଥମ ଭାବେ ଗ୍ରହଣ କରିବା ଉଚିତ । ଭଗବାନ ଶ୍ରୀ ସାଇ ତାଙ୍କ ସମ୍ଭାଷଣରେ କହିଛନ୍ତି ଆଇନ ହେଉଛି ତିନି ପ୍ରକାର । ଗୋଟିଏ ହେଉଛି ଗଡ଼ ମେଡ଼ ଲ', ଦ୍ୱିତୀୟଟି ହେଉଛି ମ୍ୟାନ ମେଡ଼ ଲ', ତୃତୀୟଟି ହେଉଛି ନେଚର ମେଡ଼ ସୌର ଚନ୍ଦ୍ର ମହାପାତ୍ର ଲ' । ଆମ୍ଭେମାନେ ଗଡ଼ ମେଡ଼ ଲ'କୁ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେବା ଦରକାର । ଆଜିକାଲିର ଲୋଭ, ଦୁର୍ନୀତି, ହିଂସା, ଆତଙ୍କପୂର୍ଣ୍ଣ ପରିବେଶରେ କୋଟି କୋଟି ଲୋକ ସାର୍ଥକ ଜୀବନଯାପନ କରିବା ସକାଶେ ଧରିତ୍ରୀ ମାତା ଏବଂ ଜୀବଜଗତ ଏବଂ ନିଜ ସହ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ତାଙ୍କୁ ଆଦର୍ଶ ମାନିଛନ୍ତି । ତାଙ୍କ ବାର୍ନ୍ତା ହିଁ ଏକ ଆଧ୍ୟାତ୍ମିକ ମହୌଷଧି ଯାହା ଆତ୍ମସଂସ୍କାର ରୂପକ ବ୍ୟାଧିରୁ ମାନବ ଜାତିକୁ ଉଦ୍ଧାର କରିପାରିବ । ନିର୍ମଳ ପ୍ରେମର ପ୍ରତିମୂର୍ତ୍ତି ସେ । ଆମର ଅନ୍ତର୍ନିହିତ ପବିତ୍ରତାକୁ ଚିହ୍ନି ତା'ର ପରିଚାଳନା ନିମନ୍ତେ ଉଦାହରଣ ମାଧ୍ୟମରେ ଆମ୍ଭମାନଙ୍କୁ ଅଗ୍ରସର କରାଇନେବା ପ୍ରକୃତରେ କ୍ୱଚିତ୍ ଦେଖାଯାଇଥାଏ । ସମାଜରେ ସମସ୍ତଙ୍କ ଭିତରେ ରୂପାନ୍ତରଣ ସହ ମାନବ ସେବା ହିଁ ମାଧବ ସେବାର ମହାମନ୍ତ୍ରକୁ ଅବଲମ୍ବନ କରି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବିଶ୍ୱର ସବୁଠି ପହଚିଂ ପାରିଛି । ଭଗବାନ କଳିଯୁଗର ଅବତାର ଶ୍ରୀ ସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତୁମେ ମୋତେ ଯେ କୌଣସି ନାମରେ ଡାକିପାର । ମୁଁ ସବୁଥିରେ ଜବାବ ଦେବି, କାରଣ ସବୁ ନାମ ମୋରି । ତୁମ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ ବି ମୁଁ ତୁମ ପଛେ ପଛେ ଥିବି । ସୂର୍ଯ୍ୟଙ୍କୁ ପ୍ରତ୍ୟାଖ୍ୟାନ କଲେ ସୂର୍ଯ୍ୟ କ'ଣ କୁଆଡ଼େ ଚାଲି ଯାଆନ୍ତି । ମୋତେ ମାପିବାକୁ ଚେଷ୍ଟା କରନାହିଁ, କେବଳ ବିଫଳ ହେବ । ବରଂ ତୁମ ନିଜର ମାପ ଜାଣିବାକୁ ଚେଷ୍ଟା କର । ଭଗବାନ ତ ଅସୀମ । ଭଗବାନଙ୍କୁ ଜାଣିବା, ନିଜେ ଭଗବାନ ପାଲଟିଯିବା, ସମାନ । ମୋତେ ଜାଣିବାକୁ ଉଦ୍ୟମ କଲେ ତୁମେ ମୋ ଭିତରେ ବୁଡ଼ିଯାଅ ।

## ଜାତୀୟ ରାଜପଥରେ ଆରୋଗ୍ୟ ବନ: ଅତୀତରୁ ଶିକ୍ଷା ?

ଆଜି ବି ମୋର ମନେପଡ଼େ ମୋ ସ୍ୱର୍ଗତ ପିତାଙ୍କ କର୍ଣ୍ଣମୂଳ ଚାପୁଡ଼ା, ଯେତେବେଳେ ବାପା ମଧୁ ବର୍ଣ୍ଣବୋଧରୁ ଡାକୁଥିଲେ କିଛି ଶବ୍ଦ ଆଉ ମୋର ସିଲଟରେ ଲେଖିଲାବେଳେ ବନାନ ଅଶୁଦ୍ଧି ହେଉଥିଲା । ସେହି କ୍ରମରେ ଏଇଆ ମଧ୍ୟ ମୁଖସ୍ଥ ହୋଇଥିଲା 'ବରଗଛର ତଳ, ବାମ୍ଫିର ଜଳ, ଖରାଦିନେ ଭାରି ଶୀତଳ' । ସେତେବେଳେ ତ କେବଳ ବର୍ଣ୍ଣବୋଧ ମୁଁ ପଢୁଥିଲି, କିନ୍ତୁ ଯେତେବେଳେ ପରିବେଶ ବିଜ୍ଞାନରେ କାମ କରିବା ଆରମ୍ଭ କଲି ସେତେବେଳେ ଚିରନ୍ତନତା ମାର୍ଗ ଖୋଜି ଶେଷରେ ଆମ ଭାରତୀୟ ପରମ୍ପରାରେ ପହଚିଂଗଲୁ । କହିବା ବାହୁଲ୍ୟ, ଯଦି ଉପରୋକ୍ତ ପଦ୍ୟାବଳୀକୁ ଦେଖିବା, ତେବେ ରାଜାରାଜୁଡ଼ା ସମୟରେ ଯେତେବେଳେ ରାସ୍ତାକଡ଼ରେ ବୃକ୍ଷରୋପଣ ହେଉଥିଲା, ଏକ ନୀତି ଅନୁସରଣ କରାହେଉଥିଲା ଯେ ଅନ୍ତତଃ ରାସ୍ତାକଡ଼ର ବୃକ୍ଷ ପଥିକକୁ ଫଳରୂପରେ ଖାଦ୍ୟ ପ୍ରଦାନ କରୁଥିବ, ପିଇବାପାଇଁ ବାମ୍ଫିର ଜଳ ନିଶ୍ଚୟ ଥିବ ଏବଂ ବିଶ୍ରାମ କରିବାପାଇଁ ଘନଛାୟା ଥିବା ବୃକ୍ଷ ବି ନିହାତି ଥିବ, ଯଦ୍ୱାରା ପଥିକଟିଏ ନିଜର କ୍ଷୁଧା, ତୃଷ୍ଣା ସହ ଥକ୍କା ମେଣ୍ଟେଇ ପାରିବ । ଶାସକମାନେ ରାସ୍ତାକଡ଼ ବୃକ୍ଷସମୂହକୁ କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ଏକ ଅତ୍ୟାବଶ୍ୟକ ସାର୍ବଜନୀନ ଭିତ୍ତିଭୂମି ଭାବରେ ବିବେଚନା କରୁଥିଲେ । ଯେହେତୁ ଯାତ୍ରା ମୁଖ୍ୟତଃ ପାଦଚଲା, ଘୋଡ଼ା, ବଳଦଗାଡ଼ି କିମ୍ବା ପାଲିଙ୍କିରେ କରାଯାଉଥିଲା, ତେଣୁ ଏହି ରାସ୍ତାଗୁଡ଼ିକରେ ଛାଇ ଏକ ଆବଶ୍ୟକତା ଥିଲା । ପଥପାର୍ଶ୍ୱ ର୍ ବୃକ୍ଷରୋପଣ ୫ଟି ମୁଖ୍ୟ ନୀତି ଅନୁସରଣ କରୁଥିଲା– ଜନକଲ୍ୟାଣ, ପ୍ରକୃତି ପ୍ରତି ସମ୍ମାନ, ଦେଶୀ ଏବଂ ବହୁମୁଖୀ ପ୍ରଜାତିର ପ୍ରୋତ୍ସାହନ, ସାମୂହିକ ଦାୟିତ୍ୱ ଏବଂ ପରିଚାଳନା ତଥା ଦୀର୍ଘକାଳୀନ ସମାନତା । ବୃକ୍ଷମାନଙ୍କ ଲକ୍ଷଣ ମଧ୍ୟରେ ଛାୟା ନିମନ୍ତେ ପତ୍ରବହଳ, ଶୁଷ୍କ ସହନଶୀଳତା, ଦୀର୍ଘ ଆୟୁଷ, ସର୍ବନିମ୍ନ ରକ୍ଷଣାବେକ୍ଷଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ନିମନ୍ତେ ଉପାଦେୟତା ଆଦିକୁ ଧ୍ୟାନ ଦିଆଯାଉଥିଲା । ଏଥିନିମନ୍ତେ ଆମ୍ବ, ନିମ, ତେନ୍ତୁଳି, ବର, ଅଶ୍ୱତ୍ଥ, ବେଲ, କରଞ୍ଜ, କଦମ୍ବ ବୃକ୍ଷାଦି ଉପଯୁକ୍ତ ବିବେଚିତ ହେଉଥିଲେ । ଆଜି ପରିସ୍ଥିତି ବଦଳିଛି । ଗତ ଦୁଇ ଦଶନ୍ଧି ମଧ୍ୟରେ କେନ୍ଦ୍ର ଏବଂ ରାଜ୍ୟ ରାଜପଥ ପ୍ରକଳ୍ପଗୁଡ଼ିକର ଦ୍ରୁତ ପ୍ରସାରଣ ସଂଯାଗୀକରଣକୁ ଯଥେଷ୍ଟ ବଢ଼େଇ ସାରିଛି । ଜାତୀୟ ରାଜପଥର ଚାରି ଏବଂ ଛଅ ଲେନ୍, ଭାରତମାଳା କାର୍ଯ୍ୟକ୍ରମ ଅଧୀନରେ ଅର୍ଥନୈତିକ କରିଡର, ଶିଳ୍ପ ସଂଯୋଗ ରାସ୍ତା, ଖଣି କରିଡର ଏବଂ ରାଜ୍ୟ ରାଜପଥର ଉନ୍ନତିକରଣ ଆମର ଗତିଶୀଳତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ଉନ୍ନତ କରିଛି । ସୁତରାଂ, ରାସ୍ତାଗୁଡ଼ିକ ଦୀର୍ଘ ଆଉ ଚୌଡ଼ା ହେବାଫଳରେ ଗଡ଼ଜାତ ରାଜ୍ୟ ସମୟରେ ଲଗାଯାଇଥିବା ପରିପକ୍ୱ ପଥପାର୍ଶ୍ୱର୍ ଗଛଗୁଡ଼ିକର ମଧ୍ୟ ବହୁଳ ପରିମାଣରେ କ୍ଷତି ହୋଇଛି । ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ପୂର୍ନ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରମୁଖ ଭାବରେ ଦାୟୀ । ରାସ୍ତା ନିର୍ମାଣ ଏବଂ ସମ୍ପ୍ରସାରଣ ସମୟରେ ସାଧାରଣତଃ ପ୍ରକଳ୍ପର ସମ୍ଭାବ୍ୟତା ଅଧ୍ୟୟନ ଏବଂ ରାସ୍ତାର ମୋଡ଼ ନିର୍ଦ୍ଧାରଣ, ବିସ୍ତୃତ ପ୍ରକଳ୍ପ ରିପୋର୍ଟର ପ୍ରସ୍ତୁତି, ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ, ପ୍ରସ୍ତାବିତ ପଥ ଅଧିକାର ମଧ୍ୟରେ ଗଛଗୁଡ଼ିକର ଗଣନା, ଜଙ୍ଗଲ ଏବଂ ପରିବେଶଗତ ମଞ୍ଜୁରୀ, ବିଭାଗୀୟ ବନ ଅଧିକାରୀଙ୍କଠାରୁ ଗଛ କାଟିବା ଅନୁମତି, କ୍ଷତିପୂରଣ ବନୀକରଣ ଶୁଳ୍କ ପ୍ରଦାନ, ଗଛକଟା ଏବଂ ରାସ୍ତା ନିର୍ମାଣ, କ୍ଷତିପୂରଣ ରୋପଣ ଏବଂ ପରବର୍ତ୍ତୀ ରକ୍ଷଣାବେକ୍ଷଣ ଆଦି ଅନ୍ତର୍ଭୁକ୍ତ । ଏହି ପ୍ରକ୍ରିୟାରେ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପଗୁଡ଼ିକ ପ୍ରାୟତଃ ପୂର୍ବରୁ ଥିବା ପରିପକ୍ୱ ଗଛଗୁଡ଼ିକର ସଂରକ୍ଷଣ ଅପେକ୍ଷା ଇଞ୍ଜିନିୟରିଂ ଦକ୍ଷତା ଏବଂ ଜମି ଉପଲବ୍ଧତାକୁ ପ୍ରାଥମିକତା ଦିଅନ୍ତି । ଦାୟିତ୍ୱରେ ଥିବା ସଂସ୍ଥାମାନେ ଗଛ କାଟିବା ପାଇଁ ଏହି ଯୁକ୍ତି ବାଢ଼ନ୍ତି ଯେ, ଯଦି ଗଛ ନକଟାଯିବ ତେବେ ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଯାଇପାରିବେନି, ବେଶି ଦୂରକୁ ଦେଖାଯିବନି, ରାସ୍ତାରେ ଅଧିକ ଲେନ୍ ହୋଇପାରିବନି, ରାସ୍ତା ତଳକୁ ସେବା ରାସ୍ତା ନିର୍ମାଣ ହେବନାହିଁ, ଡ୍ରେନ ଆଉ ଅନ୍ୟାନ୍ୟ ଉପଯୋଗୀ ଭିତିଭୂମି ସ୍ଥାପନ ହେବନି ତଥା ସର୍ବୋପରି ସୁରକ୍ଷା ଓ ନିରାପତା ମାନଦଣ୍ଡର ବୃଦ୍ଧି ଅସମ୍ଭବ ହୋଇପଡ଼ିବ । ଯେତେବେଳେ ପ୍ରକଳ୍ପ ପ୍ରସ୍ତାବକମାନଙ୍କୁ ଗଛକଟାକୁ କମ୍ କରିବା ପାଇଁ ବିକଳ୍ପ ଅନୁସନ୍ଧାନ କରିବାକୁ କୁହାଯାଏ, ଗଛକଟାର ବିକଳ୍ପକୁ ବେଶି ଗୁରୁତ୍ୱ ଦିଆଯାଏନାହିଁ । ଅନ୍ୟ ବିକଳ୍ପ ଯେପରି ପରିପକ୍ୱ ଗଛ ସ୍ଥାନାନ୍ତରଣ ଉଚ୍ଚ ଖର୍ଚ୍ଚ, ସୀମିତ ବୈଷୟିକ ବିଶେଷଜ୍ଞତା, କମ୍ ବଚିଂବା ହାର, କଠିନ ନିର୍ମାଣ ସମୟସୀମା ଯୋଗୁଁ ମଧ୍ୟ କରାଯାଏନାହିଁ । ପରିବେଶ ପୋର୍ଟାଲ ମାଧ୍ୟମରେ ଜାରି କରାଯାଇଥିବା ସମ୍ପ୍ରତି ଜଙ୍ଗଲ ମଞ୍ଜୁରୀ ସର୍ନ୍ତାବଳୀ ଅନୁଯାୟୀ ପ୍ରକଳ୍ପ ପ୍ରସ୍ତାବକମାନଙ୍କୁ ଗଛକଟାକୁ ଅନୁମୋଦନ କରିବା ପୂର୍ବରୁ ଗଛ ପ୍ରତିରୋପଣ କରିବା ଅନିବାର୍ଯ୍ୟ । ୭୦ରୁ ୧୦୦ ବର୍ଷ ପୁରୁଣା ଗଛକଟା ଯୋଗୁଁ ପରିବେଶଗତ କ୍ଷତି ତୁରନ୍ତ ଭରଣା କରାଯାଇପାରିବନି । ଏହି ବୃକ୍ଷକଟା ଯୋଗୁଁ କାର୍ବନ ଅବଶୋଷଣ, ସୂକ୍ଷ୍ମ ଜଳବାୟୁ ନିୟନ୍ତ୍ରଣ, ପକ୍ଷୀ ଓ ଅନ୍ୟ ଜୀବଜନ୍ତୁଙ୍କ ବସାଗୁଡ଼ିକର ଭରଣା, ପରାଗସଙ୍ଗମ, ଭୂତଳ ଜଳ ପୁନଃଭରଣ, ଧୂଳି ଏବଂ ଶବ୍ଦ ହ୍ରାସ, ପଦଯାତ୍ରୀ ଏବଂ ପଶୁପାଳନ ପାଇଁ ଛାଇ ଆଦି ପୁରୁଣା ଗଛ କାଟି ନୂଆ ଚାରା ଦ୍ୱାରା ସମ୍ଭବ ହୋଇପାରିବନି । ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ସୂଚନା ଅନୁଯାୟୀ, ୨୦୧୦ରୁ ୨୦୨୦ ମଧ୍ୟରେ ରାସ୍ତା ପ୍ରଶସ୍ତୀକରଣ ଏବଂ ଭିତିଭୂମି ପ୍ରକଳ୍ପ ପାଇଁ ରାଜ୍ୟରେ ୧.୮୫ କୋଟିରୁ ଅଧିକ ଗଛ କଟାଯାଇଥିଲା । ସେହି ସମୟ ମଧ୍ୟରେ କ୍ଷତିପୂରଣ ଭାବରେ ମାତ୍ର ପ୍ରାୟ ୨୯ଲକ୍ଷ ଚାରା ରୋପଣ କରାଯାଇଥିବା ରିପୋର୍ଟ କରାଯାଇଛି । ଏହାର ଅର୍ଥ ହେଉଛି, ପ୍ରାୟ ପ୍ରତିରୋପଣ ହୋଇଥିବା ଚାରା ପାଇଁ ଛଅଟି ଗଛ କଟାଯାଇଛି ଯେଉଁଠି ଗଛକଟାର ୧୦ଗୁଣ ଗଛ ପ୍ରତିରୋପଣ କରିବା ଅନିବାର୍ଯ୍ୟ ଅଟେ । ସେହିପରି, ଦକ୍ଷିଣ ଓଡ଼ିଶା ଦେଇ ରାୟପୁର ଏବଂ ବିଶାଖାପାଟଣାକୁ ସଂଯୋଗ କରୁଥିବା ଭାରତମାଳା ଗ୍ରୀନଫିଲ୍ଡ କରିଡରରେ କେବଳ ନବରଙ୍ଗପୁର ଜିଲ୍ଲାରେ ୩୬,୭୮୧ ଗଛ କଟାଯାଇଛି, ବାଇପାସ୍ ଏବଂ ପ୍ରଶସ୍ତୀକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ହେବା ପରେ ମୋଟ୍ କ୍ଷତି ୪୬,୭୧୪ ଗଛକୁ ବୃଦ୍ଧିପାଇଛି । ବିଡ଼ମ୍ବନା ଯେ, ଏଥିରେ ବିଦେଶୀ ପ୍ରଜାତିକୁ ଶୀଘ୍ର ବଢ଼ିବା, ପ୍ରାରମ୍ଭିକ କମ୍ ରକ୍ଷଣାବେକ୍ଷଣ ଯୋଗୁଁ ପ୍ରୋତ୍ସାହନ ଦିଆଯାଇଛି । ଭାରତ ସରକାର ରାସ୍ତାପାର୍ଶ୍ୱ ର୍ ରୋପଣକୁ ନିୟନ୍ତ୍ରଣ କରୁଥିବା ଅନେକ ନୀତି ସ୍ଥାପନ କରିଛନ୍ତି, ଯଥା- ସବୁଜ ରାଜପଥ (ରୋପଣ, ପ୍ରତିରୋପଣ, ସୌନ୍ଦର୍ଯ୍ୟକରଣ ଏବଂ ରକ୍ଷଣାବେକ୍ଷଣ) ନୀତି, ୨୦୧୫ । ଏଥିରେ ଜାତୀୟ ରାଜପଥ ବିକାଶରେ ସବୁଜ ଭିତ୍ତିଭୂମିର ସମନ୍ୱୟ ବାଧ୍ୟତାମୂଳକ । ଏହି ନୀତି ରୋପଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ପାଇଁ ସିଭିଲ୍ ନିର୍ମାଣ ଖର୍ଚ୍ଚର ପ୍ରାୟ ଏକ ପ୍ରତିଶତ ଆବଣ୍ଟନ କରିବାକୁ ସୁପାରିସ କରେ । ଇଣ୍ଡିଆନ ରୋଡ କଂଗ୍ରେସ ନିର୍ଦ୍ଦେଶାବଳୀ ଯାହା ସ୍ଥାନୀୟ ଜଳବାୟୁ ଅନୁଯାୟୀ ପ୍ରଜାତିର ଉପଯୁକ୍ତତା, ମିଶ୍ରିତ-ପ୍ରଜାତିର ବୃକ୍ଷରୋପଣ, ଦୃଶ୍ୟମାନତାରେ ବାଧା ସୃଷ୍ଟି କରୁଥିବା କିମ୍ବା ଫୁଟପାଥକୁ କ୍ଷତି ପହଚାଂଉଥିବା ପ୍ରଜାତି ଏଡ଼ାଇବାକୁ ପରାମର୍ଶ ଦିଏ । କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ବ୍ୟବସ୍ଥା ତଥା ଜଙ୍ଗଲ ମଞ୍ଜୁରୀ ସର୍ନ୍ତାବଳୀର ବ୍ୟବସ୍ଥା ଅନୁଯାୟୀ, ପ୍ରକଳ୍ପ ପ୍ରସ୍ତାବକମାନଙ୍କୁ ଗଛକଟା, କ୍ଷତିପୂରଣ ରୋପଣ ଓ ରକ୍ଷଣାବେକ୍ଷଣ ତଥା ତଦାରଖ ଖର୍ଚ୍ଚ ବହନ କରିବାକୁ ପଡ଼େ । ଚଳିତ ବର୍ଷ ଅପ୍ରେଲ ମାସଠାରୁ ଜାତୀୟ ରାଜପଥ ବିକାଶରେ ଜୈବ ବିବିଧତାକୁ ବୃଦ୍ଧିକରିବା ଏବଂ ପରିବେଶଗତ ସ୍ଥିରତାର ଅଭିବୃଦ୍ଧି କରିବା ଦିଗରେ ଜାତୀୟ ରାଜପଥ ପ୍ରାଧିକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ଆରୋଗ୍ୟ ବନ' ଯୋଜନା ପ୍ରଣୟନ କରିଛନ୍ତି, ଯେଉଁଥିରେ ଜାତୀୟ ରାଜପଥ କଡ଼ରେ ଖାଲି ଜମିରେ ଆବଶ୍ୟକତା ଅନୁଯାୟୀ ଔଷଧୀୟ ବୃକ୍ଷରୋପଣ କରାଯିବ । ପ୍ରଥମ ପର୍ଯ୍ୟାୟରେ, ୬୨.୮ ହେକ୍ଟରରୁ ଅଧିକ ଜମିରେ ବିସ୍ତୃତ ୧୭ଟି ପ୍ରକଳ୍ପକୁ ନେଇ ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ମଧ୍ୟପ୍ରଦେଶ, ହରିୟାଣା, ଦିଲ୍ଲୀ ଏନସିଆର, ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ଓଡ଼ିଶା, ତାମିଲନାଡୁ, ରାଜସ୍ଥାନ, ମହାରାଷ୍ଟ୍ର ଏବଂ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପ ପାର୍ଶ୍ୱର୍ରେ ପ୍ରାୟ ୬୭,୪୬୨ ଔଷଧୀୟ ଗଛ ରୋପଣ କରାଯିବ । ଏହା ସହିତ ପ୍ରତିଷ୍ଠିତ ଔଷଧୀୟ ଗୁଣସମ୍ପନ୍ନ ପ୍ରାୟ ୩୬ ପ୍ରକାର ଗଛ ପ୍ରଜାତି ଚିହ୍ନଟ କରାଯାଇଛି ଏବଂ ସମ୍ପୃକ୍ତ ଜଳବାୟୁ ଅନୁସାରେ ଜମିରେ ରୋପଣ କରାଯିବ । ଜନସଚେତନତା ବଢ଼ାଇବା ପାଇଁ ଟୋଲ୍ ପ୍ଲାଜା, ରାସ୍ତାପାର୍ଶ୍ୱର୍ ସୁବିଧା, ଇଣ୍ଟରଚେଞ୍ଜ, କ୍ଲୋଭରଲିଫ୍ ଜଙ୍କସନ୍ ଏବଂ ଜାତୀୟ ରାଜପଥ ସହିତ ଅନ୍ୟାନ୍ୟ ପ୍ରମୁଖ ସ୍ଥାନ ନିକଟରେ ଜମିକୁ ପ୍ରାଥମିକତା ଦିଆଯିବ । ଭାରତ ସରକାରଙ୍କ ଭୂଦୃଶ୍ୟ ଏବଂ ବୃକ୍ଷରୋପଣ ନିର୍ଦ୍ଦେଶାବଳୀ ଅନୁସାରେ ହିଁ ହେବ । 'ଆରୋଗ୍ୟ ବନ' ଯୋଜନା ଆୟୁର୍ବେଦ ଭଳି ପାରମ୍ପରିକ ଚିକିତ୍ସା ପ୍ରଣାଳୀକୁ ପ୍ରୋତ୍ସାହିତ କରିବ ଏବଂ ସ୍ୱଦେଶୀ ଔଷଧୀୟ ଉଦ୍ଭିଦର ସଂରକ୍ଷଣ ଦିଗରେ ମଧ୍ୟ ଯୋଗଦାନ ଦେବ । ଏହା ବ୍ୟତୀତ, ଏହି ବୃକ୍ଷରୋପଣ ପାରମ୍ପରିକ ଔଷଧୀୟ ଜ୍ଞାନ ପ୍ରଣାଳୀ ଏବଂ ସମସାମୟିକ ଏହାର ପ୍ରାସଙ୍ଗିକତା ବିଷୟରେ ମଧ୍ୟ ଜନସଚେତନତା ସୃଷ୍ଟି କରିବ । ଯଦି ଔଷଧୀୟ ବୃକ୍ଷର ଉପାଦେୟତାକୁ ରାଜମାର୍ଗରେ ଅନୁସରଣ କରାଗଲା ତେବେ ଫଳ ବୃକ୍ଷର କାହିଁକି ନୁହେଁ ? ଯଦି ଆମେ ପ୍ରକୃତ ମାର୍ଗକୁ ଅଣ୍ଡାଳୁଛେ, ତେବେ ଅତୀତର ଶିକ୍ଷା ଆଉ ଅନୁଭବର ମାର୍ଗ କାହିଁକି ନୁହେଁ ?

## ହଲୋକଷ୍ଟ ୨.୦

ଏଥିରେ ନିହିତ ଅଛି ଦୁଇଟି ବିଡ଼ମ୍ବନା: ପ୍ରଥମଟି ହେଲା ହିଟଲର ଦ୍ୱାରା ରଚିତ 'ହଲୋକଷ୍ଟ'ର ଶିକାର ଇହୁଦୀ ପରିବାରର ଜଣେ ବଂଶଜ ହେଉଛନ୍ତି ଗାଜାରେ ଘଟୁଥିବା 'ହଲୋକଷ୍ଟ ୨.୦'ର ସଂରଚକ ଏବଂ ଦ୍ୱିତୀୟଟି ହେଲା ଗୋପନରେ ଘଟିଥିବା 'ପ୍ରଥମ ହଲୋକଷ୍ଟ' ବିଷୟ ଉନ୍ମୋଚିତ ହେବା ପରେ ସ୍ତବ୍ଧ ପୃଥିବୀ ସମାନୁଭୂତିଶୀଳ, ଅନୁତପ୍ତ ଓ ପ୍ରତିବାଦମୁଖର ହୋଇ ଉଠିଥିବା ବେଳେ ସଂପ୍ରତି ସମସ୍ତଙ୍କ ସମକ୍ଷରେ ସଂଘଟିତ 'ହଲୋକଷ୍ଟ ୨.୦' ନେଇ ପୃଥିବୀ ପ୍ରାୟତଃ ନିରବ, ଉଦାସୀନ ଏପରିକି ଆନମନା ମଧ୍ୟ ! ଜାତିସଂଘ ଦ୍ୱାରା ପ୍ରାୟୋଜିତ, ଓଡ଼ିଶାର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୂରଲୀଧରଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ 'ଇଣ୍ଟରନେସନାଲ କମିସନ ଅଫ ଇନକ୍ୱାରି' ବା 'ଅନ୍ତର୍ଜାତୀୟ ଅନୁସନ୍ଧାନ କମିସନ' ଦ୍ୱାରା ପ୍ରସ୍ତୁତ, ଗାଜା ନରସଂହାର ସମ୍ବନ୍ଧିତ ଏକ ରିପୋର୍ଟ ସମଗ୍ର ପୃଥିବୀର ବିବେକକୁ ଦୋହଲାଇ ଦେଇଛି । ଉଲ୍ଲେଖଯୋଗ୍ୟ ଯେ ୨୦୨୩, ଅକ୍‌ଟୋବର ୭ ତାରିଖରୁ ୨୦୨୫, ଅକ୍ ?ଟୋବର ୭ ତାରିଖ ପର୍ଯ୍ୟନ୍ତ ଦୁଇ ବର୍ଷର କାଳ ଖଣ୍ଡ ମଧ୍ୟରେ, ଗାଜା ପଟିରେ ରହୁଥିବା ଶିଶୁ ଓ ନାବାଳକ ବା ନାବାଳିକାମାନେ ଇସ୍ରାଏଲୀ ସେନାବାହିନୀ ହାତରେ କିଭଳି ହୃଦୟ ବିଦାରକ ଦଶା ଭୋଗିଛନ୍ତି, ତାହାର ଏକ ବିଶଦ ଓ ଅତ୍ୟନ୍ତ କରୁଣ ଦସ୍ତାବେଜ ହେଉଛି ଏହି ରିପୋର୍ଟ । କହିବା ଅନାବଶ୍ୟକ ଯେ ଜଷ୍ଟିସ ମୂରଲୀଧର ତାଙ୍କ ସୂକ୍ଷ୍ମ ବିଚାର, ଗଭୀର ତର୍ଜମା, ନିଷ୍ପକ୍ଷ ମତ ଓ ଅବିଭାଜ୍ୟ ସାଧୁତା ସକାଶେ ଖ୍ୟାତ; ଯେଉଁ ସମସ୍ତ ବିଭାବ ଏହି ଶହେ ପୃଷ୍ଠା ସଂବଳିତ ରିପୋର୍ଟରେ ପ୍ରତିଫଳିତ । କିନ୍ତୁ ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ହେଲା ରାତ୍ରିର ସୁଖ ନିଦ୍ରା ଅପହରଣ କରି ନେବାକୁ ସମର୍ଥ ଏହି ବିଚଳିତକର ରିପୋର୍ଟ ଦର୍ଶାଇଛି କିଭଳି ଏକବିଂଶ ଶତାବ୍ଦୀରେ ମଧ୍ୟ ମନୁଷ୍ୟର ଧାରଣା, ଚିନ୍ତନ ଓ କାର୍ଯ୍ୟ ବର୍ବରତାର ସମସ୍ତ ସୀମା ଲଂଘନ କରି ଯାଇପାରେ ଏବଂ ଚିନ୍ତାର ବିଷୟ ହେଲା ଏହି ପରିପ୍ରେକ୍ଷୀରେ ଉଦାରବାଦ ଓ ଗଣତନ୍ତ୍ରର ତଥାକଥିତ ପୃଷ୍ଠପୋଷକମାନେ ଅନ୍ୟ ଦିଗକୁ ଚାହିଁ ରହି ପ୍ରକାରାନ୍ତରେ ସେଭଳି ଘଟିବାକୁ ହିଁ ଦିଅନ୍ତି ! ପ୍ରକାଶ ଥାଉ କି ୨୦୨୩ରୁ ୨୦୨୫ ମସିହା ମଧ୍ୟରେ ଇସ୍ରାଏଲୀ ସେନା ଦ୍ୱାରା ଗାଜା ଅଚଂଳରେ ଯେଉଁ ନର ମେଧ ଏବଂ ଲିଙ୍ଗ ଭିତିକ ନିର୍ଯାତନା ସଂଘଟିତ ହୋଇଛି, ସେ ନେଇ ଦୁଇଟି ରିପୋର୍ଟ ଜାତିସଂଘ ଆନୁକୂଲ୍ୟରେ ପ୍ରକାଶିତ ହୋଇ ସାରିଛି । ସେହି କ୍ରମରେ ଜାମ୍ବିଆର ପ୍ରସିଦ୍ଧ ଆଇନବିତ୍ ଫ୍ଲୋରେନ୍‌ସ ମୁମ୍ବା ଏବଂ ଅଷ୍ଟ୍ରେଲିଆର ପୂର୍ବତନ ମାନବିକ ଅଧିକାର କମିସନର କ୍ରିସ ସିଡୋଟିଙ୍କ ସାହଚର୍ଯ୍ୟରେ ଜଷ୍ଟିସ ମୂରଲୀଧରଙ୍କ ଏହି ରିପୋର୍ଟ, ସେଠାକାର ଶିଶୁମାନେ ଭୋଗିଥିବା ଅକଳ୍ପନୀୟ କଷଣର ଏକ ସୁବିସ୍ତୃତ ରୂପରେଖ, ଯାହାର ଶୀର୍ଷକର ଓଡ଼ିଆ ସାରାଂଶ ହେଉଛି 'ବିଧ୍ୱସ୍ତ ଶୈଶବ' । ଏହି ରିପୋର୍ଟ କହିଥାଏ ଯେ ଶଂସିତ ସମୟ ଖଣ୍ଡ ମଧ୍ୟରେ ଗାଜା ଅଚଂଳକୁ ସୁବ୍ୟବସ୍ଥିତ ଭାବେ ଚୂର୍ଣ୍ଣୀଭୂତ କରାଯାଉଥିବା ବେଳେ 'ମୂଳୁ ମାଇଲେ ଯିବ ସରି' ଭଳି ଯୁକ୍ତି ଦ୍ୱାରା ପରିଚାଳିତ ଇସ୍ରାଏଲୀ ସେନା ପ୍ରାୟ ୨୦ ହଜାର ଶିଶୁଙ୍କୁ ହତ୍ୟା କରିଛନ୍ତି ଏବଂ ପ୍ରାୟ ୪୪ ହଜାର ଶିଶୁ ଏଥିରେ ଆହତ ଓ ବିକଳାଙ୍ଗ ହୋଇଛନ୍ତି । ରିପୋର୍ଟ ଅନୁସାରେ ଗାଜା ଅଚଂଳର ୯୭% ସ୍କୁଲ, ସମସ୍ତ ଛଅଟି ଯାକ ଶିଶୁ ଚିକିତ୍ସାଳୟ ଓ ସଦ୍ୟ ଜାତ ଶିଶୁଙ୍କ ଯତ୍ନ ସକାଶେ ଉଦ୍ଦିଷ୍ଟ କେନ୍ଦ୍ର ସଂପୂର୍ଣ୍ଣ ବିଧ୍ୱସ୍ତ ହୋଇଛି । କେବଳ ସେତିକି ନୁହେଁ, ଗାଜା ଅଚଂଳକୁ ଖାଦ୍ୟ, ଜଳ ଓ ଔଷଧ ପରିବହନକୁ ସଂପୂର୍ଣ୍ଣ ଅବରୋଧ କରାଯିବା ଫଳରେ ୧୫୦ ଜଣ ଶିଶୁ ଅନାହାରରେ ମୃତ୍ୟୁ ବରଣ କରିଛନ୍ତି । ରିପୋର୍ଟରେ କୁହାଯାଇଛି ଯେ ସହର, ବଜାର ଓ ବସତି ଉପରେ ଅବିଚାରିତ ବୋମା ମାଡ଼ର ମୂଳ ଉଦ୍ଦେଶ୍ୟ ଥିଲା ଯେତେ ଅଧିକ ସମ୍ଭବ ଶିଶୁ ଓ କିଶୋରଙ୍କ ସଂହାର, ଯେଉଁ କାରଣରୁ ଗାଜା ମୃତକଙ୍କ ମଧ୍ୟରୁ ୩୦%ରୁ ଅଧିକ ଏହି ବୟସ ବର୍ଗର । ତେବେ, ଏହି ରିପୋର୍ଟର ହୃଦୟ ଦହନକାରୀ ଅଂଶରେ ବର୍ଣ୍ଣିତ ହୋଇଛି କିଭଳି ଥର୍ମାଲ ଇମେଜିଂ କ୍ୟାମେରା, କ୍ୱାଡ୍ରା-କପ୍‌ଟର ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ବଳରେ ଶିଶୁମାନଙ୍କୁ ଠାବ କରି 'ସ୍ନାଇପର ଫାୟାରିଂ' ଦ୍ୱାରା ହତ୍ୟା କରିବା ଭଳି କାର୍ଯ୍ୟକୁ ଇସ୍ରାଏଲୀ ସେନା 'ଟାର୍ଗେଟ ସୁଟିଂ' ବା 'ଲକ୍ଷ୍ୟ ଭେଦ'ର ଅଭ୍ୟାସ ଭଳି ଏକ ମଉଜିଆ ଖେଳରେ ପରିଣତ କରିଥିଲେ । ଏହି ରିପୋର୍ଟରେ ଏଭଳି ଅନେକ ଉଦାହରଣ ମଧ୍ୟରେ ରହିଛି ମା' ଠାରୁ ସ୍ତନ୍ୟପାନ କରୁଥିବା ଦଶଦିନିଆ ଶିଶୁର ମୁଣ୍ଡରେ ସହସା ଗୋଟିଏ ବୁଲେଟ୍ ବିଦ୍ଧ ହୋଇଯାଏ; ସ୍ତବ୍ଧ ମା' କିନ୍ତୁ ରହିଥାଏ ସଂପୂର୍ଣ୍ଣ ଅକ୍ଷତ କିମ୍ବା ବାପାଙ୍କ ଅଭୟ ହାତକୁ ଧରି ପଦାକୁ ବାହାରିଥିବା ବାଳକର ଗୁଳିବିଦ୍ଧ ଅସାଡ଼ ଶରୀର ଅଚାନକ ତଳେ ଲୋଟି ପଡ଼େ , ଅଥଚ ବାପା ଥାଆନ୍ତି ଅନାହତ ! ସୁନିର୍ବାଚିତ ଢଙ୍ଗରେ ଶିଶୁମାନଙ୍କୁ ହତ୍ୟା କରିବାର ଉଦ୍ଦେଶ୍ୟ ଓ ଉଦ୍ୟମ ବ୍ୟତିରେକ ଏଥିରେ ଆଉ କ'ଣ ଅବା ଦିଶିଥାଏ ? ସ୍ୱାଭାବିକ ଭାବେ ଇସ୍ରାଏଲ ପକ୍ଷରୁ ଏହି ରିପୋର୍ଟକୁ ଅଗ୍ରାହ୍ୟ କରାଯାଇ ଏକ ୧୮ ପୃଷ୍ଠା ସଂବଳିତ ପ୍ରତିବାଦ ପ୍ରଦାନ କରାଯାଇଛି । କିନ୍ତୁ ଜଷ୍ଟିସ ମୂରଲୀଧର କହିଥାଆନ୍ତି ଯେ ରିପୋର୍ଟରେ ପ୍ରକାଶିତ ତଥ୍ୟକୁ ଖାରଜ କଲା ଭଳି କେ ?ଣସି ଉଦାହରଣ ବା ତର୍କ ସେହି ପ୍ରତିବାଦ ପତ୍ରରେ ନାହିଁ । ସେ କହିଥାଆନ୍ତି ଯେ ରିପୋର୍ଟରେ ପ୍ରକାଶିତ ଅନେକ ତଥ୍ୟର ମୂଳ ସ୍ରୋତ ହେଉଛି ଏଭଳି କାର୍ଯ୍ୟରେ ଗର୍ବିତ ସୈନିକମାନଙ୍କ ଦର୍ପିତ ବକ୍ତବ୍ୟର ଅନେକ ଭିଡିଓ, ଯାହା ସେମାନେ ସାମାଜିକ ଗଣମାଧ୍ୟମରେ ଅପଲୋଡ କରିଛନ୍ତି । ଜଷ୍ଟିସ ମୂରଲୀଧର କହିଥାନ୍ତି ଯେ ରିପୋର୍ଟ ପ୍ରସ୍ତୁତି କାଳରେ ଉପଲବ୍ଧ ତଥ୍ୟଗୁଡ଼ିକୁ ଜାତିସଂଘର ସ୍ଥାୟୀ ଇସ୍ରାଏଲୀ ମିସନଙ୍କୁ ପ୍ରଦାନ କରି ପ୍ରତ୍ୟୁତର ଓ ପ୍ରତିକ୍ରିୟା ଲୋଡ଼ା ଯାଇଥିଲେ ହେଁ ସେ ପଟରୁ କେବଳ ଅସହଯୋଗ ଓ ନିରବତା ହିଁ ମିଳିଥିଲା । ଉଲ୍ଲେଖଯୋଗ୍ୟ ଯେ ଇସ୍ରାଏଲର ଜନୈକ ଉଗ୍ର ଦକ୍ଷିଣପନ୍ଥୀ ନେତା ମୋସେ ଫ୍ରାଗଲିନଙ୍କ ବକ୍ତବ୍ୟକୁ ମଧ୍ୟ ରିପୋର୍ଟରେ ସ୍ଥାନିତ କରାଯାଇଛି, ଯାହାକୁ ସେ ୨୦୨୫ ମସିହା, ମେ ମାସରେ ଏକ ଇସ୍ରାଏଲୀ ଟିଭି ଚ୍ୟାନେଲ (ଚ୍ୟାନେଲ ୧୪)କୁ ଦେବା ଅବସରରେ କହିଥିଲେ: "ଗାଜାର ପ୍ରତ୍ୟେକ ଶିଶୁ ଆମର ଶତ୍ରୁ । ଆମେ ଗାଜାକୁ ଅଧିକାର କରିବୁ ଏବଂ ସେଠାରେ ଜଣେ ହେଲେ ପାଲେଷ୍ଟିନୀୟ ଶିଶୁକୁ ଜୀବିତ ଛାଡ଼ିବୁ ନାହିଁ ।'' କହିବା ବାହୁଲ୍ୟ, ଇସ୍ରାଏଲର ଯୁଦ୍ଧଖୋର ରାଷ୍ଟ୍ରପତି ବେଞ୍ଜାମିନ ନେତାନ୍ୟାହୁଙ୍କ ସମେତ ଅନେକ ରାଜନେତାଙ୍କ ଠାରେ ଏଭଳି ଆଭିମୁଖ୍ୟ ସୁସ୍ପଷ୍ଟ, ଯେଉଁଠୁ ପ୍ରୋତ୍ସାହନ ପାଇ ଇସ୍ରାଏଲୀ ସୈନ୍ୟମାନେ ନିର୍ବିଚାର ଓ ବିନା କେ ?ଣସି ମର୍ମଦାହରେ ଶିଶୁମାନଙ୍କୁ ବଧ କରିପାରନ୍ତି ଏବଂ ସେଥି ଲାଗି କମାଣ୍ଡରମାନଙ୍କ ଠାରୁ ଅଜସ୍ର ପ୍ରଶଂସା ପାଆନ୍ତି ମଧ୍ୟ ! ବାଇବଲରେ ବର୍ଣ୍ଣିତ ଅଛି କିଭଳି ନିଷ୍ଠୁର ଇହୁଦୀ ରାଜା ହେରୋଡ ନିଜକୁ ନିଷ୍କଣ୍ଟକ ରଖିବା ଉଦ୍ଦେଶ୍ୟରେ ବେଥେଲହାମ ଓ ତା'ର ଆଖପାଖ ଅଚଂଳର ସମସ୍ତ ଶିଶୁଙ୍କୁ ନିପାତ କରିବାର ବନ୍ଦୋବସ୍ତ କରିଥିଲେ । ତାହା ଥିଲା ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଲାଭର କାଳ । ଏବେ, ତା'ର ୨୦୨୫ ବର୍ଷ ପରେ, ଗାଜାରେ ସେଭଳି ଦୃଶ୍ୟର ଏକ ପୁନରାଭିନୟ ଦିଶି ନଥାଏ କି ? ସତେ ଯେମିତି କେବଳ ହମାସ ନୁହେଁ, ପାଲେଷ୍ଟାଇନର ଶିଶୁମାନଙ୍କୁ ନିର୍ଶ୍ଚିହ୍ନ କଲେ ଯାଇ ଇସ୍ରାଏଲ କଣ୍ଟକ ଶୂନ୍ୟ ହେବ ! ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ, ହିଟଲର ଦ୍ୱାରା ଆୟୋଜିତ ଇହୁଦୀ ଗଣମେଧ ଯଜ୍ଞ ବିଷୟ ଉନ୍ମୋଚିତ ହୋଇ ସମଗ୍ର ପୃଥିବୀକୁ ଅଶ୍ରୁ ବିଗଳିତ କରି ଦେଇଥିଲା । 'ହଲୋକଷ୍ଟ' ଭାବେ ପରିଚିତ ଅଚିନ୍ତନୀୟ ମାନବ ନିର୍ମମତାର ଏହି କରୁଣ ଅଧ୍ୟାୟର ପୁନର୍ଲିଖନ ଯେ ପୁଣି ଶୀଘ୍ର କେବେ ହୋଇପାରେ ବୋଲି ଘୁଣାକ୍ଷରରେ କଳ୍ପନା ସୁଦ୍ଧା କରାଯାଇ ନ ଥିଲା । ଏବେ କିନ୍ତୁ ମନେହେଉଛି ଯେ 'ହଲୋକଷ୍ଟ'ର ନୂତନ ଅଧ୍ୟାୟଟିଏ ଲେଖା ଯାଇସାରିଲାଣି । କେବଳ ଜାତିସଂଘର ଏକାଧିକ ରିପୋର୍ଟ ମାଧ୍ୟମରେ ନୁହେଁ, ବିଭିନ୍ନ ସମ୍ବାଦପତ୍ର, ଟେଲିଭିଜନ ଚ୍ୟାନେଲ ଓ ମାନବିକ ଅଧିକାର ସଂଗଠନ ଦ୍ୱାରା ପ୍ରସ୍ତୁତ ଅନେକ ରିପୋର୍ଟ, ଫଟୋଚିତ୍ର ଓ ଭିଡିଓ ଆଦି ଦ୍ୱାରା ଏହା ପ୍ରମାଣିତ । ତେବେ, ଏଥିରେ ନିହିତ ଅଛି ଦୁଇଟି ବିଡ଼ମ୍ବନା: ପ୍ରଥମଟି ହେଲା ହିଟଲର ଦ୍ୱାରା ରଚିତ 'ହଲୋକଷ୍ଟ'ର ଶିକାର ଇହୁଦୀ ପରିବାରର ଜଣେ ବଂଶଜ ହେଉଛନ୍ତି ଗାଜାରେ ଘଟୁଥିବା 'ହଲୋକଷ୍ଟ ୨.୦'ର ସଂରଚକ ଏବଂ ଦ୍ୱିତୀୟଟି ହେଲା ଗୋପନରେ ଘଟିଥିବା 'ପ୍ରଥମ ହଲୋକଷ୍ଟ' ବିଷୟ ଉନ୍ମୋଚିତ ହେବା ପରେ ସ୍ତବ୍ଧ ପୃଥିବୀ ସମାନୁଭୂତିଶୀଳ, ଅନୁତପ୍ତ ଓ ପ୍ରତିବାଦମୁଖର ହୋଇ ଉଠିଥିବା ବେଳେ ସଂପ୍ରତି ସମସ୍ତଙ୍କ ସମକ୍ଷରେ ସଂଘଟିତ 'ହଲୋକଷ୍ଟ ୨.୦' ନେଇ ପୃଥିବୀ ପ୍ରାୟତଃ ନିରବ, ଉଦାସୀନ ଏପରିକି ଆନମନା ମଧ୍ୟ !

## ଶ୍ରାବଣ ଯାତ୍ରା :ବୋଲ୍‌ବମ୍

ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ । ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ । ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି । ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ । ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି । ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି । ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରୈମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି । ଏ ପରମ୍ପରା କେବେଠୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରମାଣ ନାହିଁ । ତେବେ ପୁରାଣମାନଙ୍କରେ ଏହାର ପ୍ରମାଣ ଅଛି । ଦେବତା ଓ ଅସୁରମାନଙ୍କ ଦ୍ୱାରା କରାଯାଇଥିବା ସମୁଦ୍ର ମନ୍ଥନ ଯୋଗୁଁ ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା । ଦେବତାମାନଙ୍କ ଅନୁରୋଧକ୍ରମେ ମହାଦେବ ସେହି ବିଷପାନ କରିଥିଲେ । ଫଳରେ ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା । ବିଷପାନ ଯନ୍ତ୍ରଣାରୁ ଲାଘବ କରିବା ପାଇଁ ଦେବତାଗଣ, ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢ଼ାଳିଥିଲେ । ଶିବଙ୍କ ଠାରୁ କୃପା ଲାଭ କରିବା ଶ୍ରାବଣମାସରେ ପ୍ରତିବର୍ଷ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଇଆସୁଛି । ଭଗବାନ ଶିବ ଗଙ୍ଗାଜଳ ସ୍ନାନ ଦ୍ୱାରା ପ୍ରସନ୍ନ ହୋଇଥାଆନ୍ତି, ତାଙ୍କୁ ଧୂପ, ଦୀପ, ନୈବେଦ୍ୟ ତଥା ଫୁଲ ଚଢ଼ାଇବା ଦ୍ୱାରା ସେତିକି ପ୍ରସନ୍ନ ହୋଇନଥାନ୍ତି । ଏହି କାରଣରୁ ପୂର୍ବେ ଭକ୍ତମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବହିଆଣି ରାମେଶ୍ୱର ଯାଇ ଶିବଙ୍କ ଶିରରେ ଜଳ ଲଗାନ୍ତି । ସେମାନେ ଏ ଜଳକୁ ଯେଉଁ ଭାରରେ ବୁହାନ୍ତି, ତାକୁ କୁହନ୍ତି କାଉଡି ବା କାଉଁରି ଭାର । କାଉଡି ବା କାଉଁରି ଅର୍ଥ ବାହୁଙ୍ଗି । ଏହାକୁ ଯେଉଁମାନେ ମୁହାନ୍ତି, ସେମାନଙ୍କୁ କୁହାଯାଏ କାଉଡିଆ ବା କାଉରିଆ । ଏମାନେ ଭାର ବୋହିକି ନେଲାବେଳେ କିଛି ଶବ୍ଦ ବା ସ୍ୱର ଉଚ୍ଚାରଣ କରୁଥାନ୍ତି । ତାହା ହେଉଛି - ବୋଲେବମ୍ ହରେବମ୍ ବମ୍ ବମ୍ ଭୋଲେ । ତା' ସହିତ ଭୋଲେ ବାବା ରକ୍ଷାକରେ, ଭୋଲେ ବାବା ପାରକରେ ଇତ୍ୟାଦି ଶବ୍ଦ ବା ବାକ୍ୟ ବ୍ୟବହାର କରନ୍ତି । ବମ୍ ବମ୍ ହେଉଛି ଗାଲ ବାଦ୍ୟର ଶବ୍ଦ । ଭିନ୍ନ ଅର୍ଥରେ ଶିବପୂଜା ବାଦ୍ୟ । ଏମିତି ଡ଼ାକି ଡାକି କାଉଡିଆମାନେ ରାସ୍ତାସାରା ଚାଲିଥାନ୍ତି । ଏହାଦ୍ୱାରା ମଧ୍ୟ ପଥଚଲା କଷ୍ଟ ଲାଘବ ହୋଇଯାଏ । ଏମାନଙ୍କର ପୋଷାକ ସ୍ୱତନ୍ତ୍ର । ନାଲି ଅଥବା ହଳଦିଆ । ଖାଲି ପାଦ । କାନ୍ଧରେ ଭାର । ସବୁରେ ଶିବ ସଂକେତ । ସେମାନେ ଯେଉଁ ଢ଼ଙ୍ଗରେ ଯାଆନ୍ତି, ତାହାକୁ ଶାସ୍ତ୍ରରେ ଏହିପରି ଲେଖାଯାଇଛି 'ସ୍କନ୍ଧେଚ ବାମଗଂ ଦୃତ୍ୱା ବମ୍‌ବମ୍ ପ୍ରୋଚ୍ୟ କ୍ଷଣେକ୍ଷଣେ, ପଦେ ପଦେ ଅଶ୍ୱମେଧସ୍ତ ଅକ୍ଷୟ ପୁଣ୍ୟମ୍ ସୁତେ ।' କାନ୍ଧରେ କାଉଡି ଭାରବୋହି ବୋଲବମ୍ ଡାକଦେଇ ଯିବା ଦ୍ୱାରା ଭକ୍ତ ଅଶ୍ୱମେଧ ଯଜ୍ଞସମ ପୁଣ୍ୟ ଲାଭ କରିଥାଏ । ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନ ଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ । ଲଙ୍କାପତି ରାବଣ ମଧ୍ୟ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ । ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ସମ୍ବଲପୁରରେ ବର୍ଷାଜଳର ପ୍ରବଳ ସ୍ରୋତରେ ଗାଡ଼ି ସହ ଭାସିଗଲେ ଦୁଇ ଜଣ, ଜଣେ ଉଦ୍ଧାର

ସମ୍ବଲପୁର,୮/୭(ନି/ପ୍ର): ସମ୍ବଲପୁରରେ ଗତ ୫ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଗତକାଲି ରାତି ତମାମ ଲଗାଣ ବର୍ଷା ଫଳରେ ସହରର ବିଭିନ୍ନ ତଳିଆ ଅଂଚଳ ଜଳମଗ୍ନ ହୋଇପଡିଛି । ସ୍ଥିତିର ସମୀକ୍ଷା ପାଇଁ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି ବିଭିନ୍ନ ପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ । ଏହାସହ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସମସ୍ୟା ବୁଝିବା ସହ ଜଳନିଷ୍କାସନ ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବର୍ଷା ଓ ଜଳମଗ୍ନ ଅଂଚଳକୁ ଦୃଷ୍ଟିରେ ରଖି ସମ୍ବଲପୁର ମହାନଗର ନିଗମ ଅଂଚଳ ଏବଂ ଧନକଉଡା ବ୍ଲକର ସମସ୍ତ ବିଦ୍ୟାଳୟକୁ ସୋମବାର ପାଇଁ ଛୁଟି ଘୋଷଣା କରାଯାଇଛି । ଅନ୍ୟପଟେ ସେଂଟଜୋନ୍ସ ସ୍କୁଲ ସଙ୍କର୍ମା ରାସ୍ତା ତଥା ରେଙ୍ଗାଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିବାଗଡ଼ିଆପଡ଼ା ନିକଟରେ ଗତକାଲି ଦୁଇ ଜଣ ଏକ ବାଇକ୍ ରେ ଆସୁଥିବା ବେଳେ ବର୍ଷାର ସୁଅ ରାସ୍ତା ଅବରୋଧ କରିଥିଲା । ଏପରିକି ଗାଡ଼ି ସହ ଦୁଇ ଜଣ ଗଭୀର ସ୍ରୋତରେ ଭାସି ଯାଇଥିଲେ । ଗଛଲଟା ଧରି ଜଣେ ଗୋବର୍ଦ୍ଧନ ନାମକ ବ୍ୟକ୍ତି ନିଜକୁ ପାଣି ସ୍ରୋତରୁ ଅଟକାଇ ରଖିଥିବା ବେଳେ ସୁରେଶ ମହାରଣା ନାମକ ଅନ୍ୟ ଜଣଙ୍କର କୌଣସି ପତା ମିଳିପାରିନଥିଲା । ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ଖୋଜଖବର କରିବା ପରେ ପାଣି ମଝିରେ ଲଟକି ରହିଥିବା ଯୁବକକୁ ଉଦ୍ଧାର କରିଥିଲା ବେଳେ ଆଜି ଅପରାହ୍ନରେ ସୁରେଶଙ୍କ ମୃତଦେହ ଉଦ୍ଧାର ହୋଇଛି ।

# ଲଗାଣ ବର୍ଷା ବିପର୍ଯ୍ୟୟ; ବ୍ରଜରାଜନଗର ପୌରାଂଚଳରେ ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି

ଝାରସୁଗୁଡ଼ା,୮/୭(ନି/ପ୍ର): ବ୍ରଜରାଜନଗର ପୌରାଂଚଳରେ ବିଗତ କିଛି ଦିନ ହେବ ଲାଗିରହିଥିବା ଅବିରତ ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ କେତେକ ତଳିଆ ଅଂଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ବିଶେଷ କରି ପୌରପାଳିକାର ୪ ନମ୍ବର ୱାର୍ଡ ଏବଂ ୮ ନମ୍ବର ୱାର୍ଡ ଅନ୍ତର୍ଗତ ଖପରାପଡ଼ା ଅଂଚଳ ଏହି ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି । ବର୍ଷା ଜଳ ନିଷ୍କାସନ ନହୋଇ ପାରିବାରୁ ପ୍ରଭାବିତ ଅଂଚଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ୪ ନମ୍ବର ୱାର୍ଡର ଗୋପୀବିହାର କଲୋନୀରେ ଥିବା କେତେକ ବାସଗୃହ ଆଂଶିକ ଭାବେ ଜଳମଗ୍ନ ହୋଇଯାଇଛି । ଘର ଭିତରେ ପାଣି ପଶିଯିବା ହେତୁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏହି ସୂଚନା ପାଇବା ମାତ୍ରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଂଚି ଉଦ୍ଧାର ସହ ଜରୁରୀକାଳୀନ ସହାୟତା ଯୋଗାଇ ଦେଇଛନ୍ତି । ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନିଆଯାଇଛି । ଅଂଚଳର ମୁଖ୍ୟ ନାଳଗୁଡ଼ିକରେ ଜମି ରହିଥିବା ଆବର୍ଜନାକୁ ସଫା କରାଯାଇ ଜଳ ନିଷ୍କାସନ ପଥକୁ ସ୍ୱାଭାବିକ କରାଯାଇଛି । ଏଥିସହିତ ଜଳବନ୍ଦୀ ଯୋଗୁଁ ରୋଷେଇ କରିପାରୁନଥିବା ଗୋପୀବିହାର କଲୋନୀ ଏବଂ ଆଖପାଖ ଅଂଚଳର ପ୍ରାୟ



୧୦୦ ଜଣ ପ୍ରଭାବିତ ଲୋକଙ୍କୁ ପୌରପାଳିକା ପକ୍ଷରୁ ମାଗଣାରେ ରନ୍ଧାଖାଦ୍ୟ ବଂଟନ କରାଯାଇଛି । ଅପରପକ୍ଷରେ, ୱାର୍ଡ ନମ୍ବର ୮ ଖପରାପଡ଼ା ଅଂଚଳରେ ମଧ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତି ଉପରେ ପୌର ପ୍ରଶାସନ ନଜର ରଖିଛି । ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନଆସିବା ପର୍ଯ୍ୟନ୍ତ ଏବଂ ଲୋକମାନେ ସ୍ୱାଭାବିକ ଅବସ୍ଥାକୁ ନଫେରିବା ଯାଏଁ ଏହି ସହାୟତା ଓ ସଫେଇ କାର୍ଯ୍ୟ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି । ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ପୌରପାଳିକାର ସ୍ୱତନ୍ତ୍ର ହେଲ୍ପଲାଇନ ସହ ଯୋଗାଯୋଗ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ।

# କାଦୁଅ ରାସ୍ତାରେ ଫସିଲା ଆଦର୍ଶ ବିଦ୍ୟାଳୟ ବସ୍
## ଚାଳକଙ୍କ ତତ୍ପରତାରେ ଟଳିଲା ବଡ଼ ଅଘଟଣ

ଝାରସୁଗୁଡ଼ା, ୮/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ବାଣୀ ପାହାଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକ ସ୍କୁଲ ବସ୍ ସୋମବାର ସକାଳେ କାଦୁଅମୟ ଅସ୍ଥାୟୀ ରାସ୍ତାରେ ଫସିଯିବାରୁ କିଛି ସମୟ ପାଇଁ ଉତେଜନା ସୃଷ୍ଟି ହୋଇଥିଲା । ତେବେ ବସ୍ ଚାଳକଙ୍କ ସତର୍କତା ଓ ତତ୍ପରତା ଯୋଗୁଁ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣା ଟଳିଯାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ବସ୍ ଟି ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ଅଭିମୁଖେ ଯାଉଥିବା ବେଳେ ମୁଖ୍ୟ ରାସ୍ତାରେ କଲଭର୍ଟ ନିର୍ମାଣ କାମ ଚାଲିଥିବାରୁ ଏହାକୁ ଏକ ଅସ୍ଥାୟୀ ମାଟି ବାଇପାସ୍ ରାସ୍ତା ଦେଇ ନିଆଯାଉଥିଲା । କିନ୍ତୁ, ଲଗାତାର ବର୍ଷା ପ୍ରଭାବରେ ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅମୟ ହୋଇପଡ଼ିଥିଲା । ଏହି ସମୟରେ ବସ୍ ଚକ କାଦୁଅରେ ଗଭୀର ଭାବେ ଦବିଯିବା ସହ ଗାଡ଼ିଟି ଭାରସାମ୍ୟ ହରାଇବାକୁ ଆରମ୍ଭ କରିଥିଲା । ପରିସ୍ଥିତିର ଗୁରୁତ୍ୱ ବୁଝି ଚାଳକ ତୁରନ୍ତ ବସ୍ କୁ ଅଟକାଇ ଦେଇଥିଲେ । ପରେ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବସ୍ ରୁ ଓହ୍ଲାଇ ଦିଆଯାଇଥିଲା । ଘଟଣାର ଏକ ଭିଡିଓ ସାମ୍ନାକୁ ଆସିବା ପରେ ଅସ୍ଥାୟୀ ବାଇପାସ୍ ରାସ୍ତାର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଚଂଳରେ ଅସନ୍ତୋଷ ପ୍ରକାଶ ପାଉଛି । ବର୍ଷା ଋତୁରେ ଏପରି ରାସ୍ତାରେ ସ୍କୁଲ ବସ୍ ଚଳାଚଳକୁ ନେଇ ଅଭିଭାବକମାନେ ମଧ ଚିନ୍ତା ବ୍ୟକ୍ତ କରିଛନ୍ତି । ସମ୍ପୃକ୍ତ ବିଭାଗ ତୁରନ୍ତ ରାସ୍ତାର ମରାମତି ସହ ସୁରକ୍ଷିତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

### ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,୮/୭(ନି/ପ୍ର): ଭଦ୍ରକର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୧୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୨୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୧୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା ।

# ଲଗାଣ ବର୍ଷାରେ ଜଳମଗ୍ନ ଇଟାଭଟା ଅଂଚଳ :
## ପ୍ରଭାବିତଙ୍କୁ ଭେଟିଲେ ବିଧାୟକ, ଝାରସୁଗୁଡ଼ା ପାଇଁ ଆସୁଛି ମାଷ୍ଟର ପ୍ଲାନ

ଝାରସୁଗୁଡ଼ା,୮/୭(ନି/ପ୍ର): ରବିବାର ରାତିଠାରୁ ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଝାରସୁଗୁଡ଼ା ସହରର ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ବିଶେଷକରି ଝାରସୁଗୁଡ଼ା ପୌରପାଳିକାର ୱାର୍ଡ ନଂ-୫ ଅନ୍ତର୍ଗତ ଇଟାଭଟା ଅଂଚଳରେ ବର୍ଷାଜଳ ଜମି ରହିବାରୁ ଅନେକ ଘରେ ପାଣି ପଶିଯାଇଛି । ଏହା ଫଳରେ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଖବର ପାଇ ସୋମବାର ସକାଳେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଭାବିତ ଇଟାଭଟା ଅଂଚଳ ପରିଦର୍ଶନ କରିଥିଲେ । ସେ ଜଳମଗ୍ନ ଅଂଚଳ ବୁଲି ଦେଖିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ଭେଟି ସେମାନଙ୍କ ସମସ୍ୟା ଓ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ରିଲିଫ ଓ ଆବଶ୍ୟକ ସହାୟତା ଯୋଗାଇବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ପରେ ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ପୂର୍ବରୁ ସହରରେ ଥିବା ପ୍ରାକୃତିକ ଜଳ ନିଷ୍କାସନ ପଥ, ପୋଖରୀ ଓ ଖାଲୁଆ ଜମି ଉପରେ ବେଆଇନ ନିର୍ମାଣ ହୋଇଥିବାରୁ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଝାରସୁଗୁଡ଼ା ସହର ପାଇଁ ଏକ ସମନ୍ୱିତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି । ସେ କହିଥିଲେ ଯେ, ପ୍ରସ୍ତାବିତ ମାଷ୍ଟର ପ୍ଲାନରେ ସହରକୁ ତିନୋଟି ଜୋନରେ ବିଭକ୍ତ କରାଯିବ । ସେହିପରି ସହରର ସମସ୍ତ ବର୍ଜ୍ୟଜଳକୁ ବିଶୋଧନ କରି ଶିଳ୍ପ ସଂସ୍ଥାଗୁଡ଼ିକୁ ଯୋଗାଣ କରିବାର ବ୍ୟବସ୍ଥା ମଧ କରାଯିବ । ଦୀର୍ଘ ବର୍ଷ ଧରି ଏପରି ସମନ୍ୱିତ ଯୋଜନା ପ୍ରସ୍ତୁତ ହୋଇନଥିବାରୁ ସହରବାସୀ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯୋଜନା କାର୍ଯ୍ୟକାରୀ ହେବାକୁ କିଛି ସମୟ ଲାଗିବ, ତେବେ ଭବିଷ୍ୟତରେ ଏହା ସହରର ଜଳନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଲୋକଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ପରିଦର୍ଶନ ସମୟରେ ଝାରସୁଗୁଡ଼ା ପୌରପରିଷଦର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେ, ଭାଜପା ନେତା ଅରବିନ୍ଦ ପାଠକ, ବିବେକ ଶ୍ରୀବାସଙ୍କ ସମେତ ପୌରପରିଷଦର ଅଧିକାରୀ ଏବଂ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଜୁନିଅର ରେଡକ୍ରସ ଅଣ ତାଲିମପ୍ରାପ୍ତ କାଉନ୍ସେଲରଙ୍କ ତାଲିମ୍ ଶିବିର ଉଦ୍‌ଘାଟିତ




ସମ୍ବଲପୁର,୮/୭(ନି/ପ୍ର): ଭାରତୀୟ ରେଡକ୍ରସ ସୋସାଇଟି ଅଧୀନରେ ରାଜ୍ୟ ଜୁନିଅର ରେଡକ୍ରସ ଅଣ ତାଲିମପ୍ରାପ୍ତ କାଉନ୍ସେଲର୍ଙ୍କ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଏବଂ ଜୁନିଅର ରେଡକ୍ରସ ସୋସାଇଟି, ଓଡିଶା ସହଯୋଗରେ ଧନକଉଡ଼ା ଉଚ୍ଚ ବିଦ୍ୟାଳୟ ଠାରେ ଏହି ଶିବିର ଜୁଲାଇ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ । ଶିବିରରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ଷାଠିଏ ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାଉଂସେଲର୍ ତାଲିମ୍ ଶିବିରରେ ଯୋଗଦାନ କରିଥିବା ବେଳେ ୬ ଜଣ ସାଧନ କର୍ମୀ ତାଲିମ୍ ଦେଉଛନ୍ତି । ଆଜିର ଉଦ୍‌ଘାଟନୀ ଉତ୍ସବ ରେ ମୂଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଓ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତଥା ଝାରସୁଗୁଡା ର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ ଯୋଗ ଦେଇ ଜୁନିଅର ରେଡକ୍ରସ ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ପଟେଲ, ଧନକଉଡ଼ା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଞ୍ଜୁ ଅଗ୍ରୱାଲ ମଚାଂସୀନ ରହି ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ୍ ସ୍ୱାଗତ ଭାଷଣ ଦେଇଥିଲେ । ସାଧନ କର୍ମୀ ଭାବେ ସତ୍ୟ ନାରାୟଣ ସାହୁ, ସମୀର କୁମାର ଭୋଇ, ପ୍ରତାପ ସେନାପତି, ଆନନ୍ଦ ଡନ୍‌ସେନା, ଦୀପିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ଆନନ୍ଦ ଡନ୍‌ସେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସାହୁ ସଂଯୋଜନା କରିଥିଲେ । ଶିକ୍ଷକ ଭୀମସେନ ବାରିକ ଏବଂ ଯୁଗଳ କିଶୋର ପେରା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ



ସମ୍ବଲପୁର,୮/୭(ନି/ପ୍ର): ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ୭୭ତମ ବନ ମହୋତ୍ସବ ସପ୍ତାହ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଅଶ୍ୱିନୀ କୁମାର ବେହେରା, ଅତିରିକ୍ତ ବନ ସଂଗ୍ରକ୍ଷକ, ନାକଟିଦେଉଳ, ମନରଞ୍ଜନ ପ୍ରଧାନ, ବନ ପାଳ ବାଟଗାଁ ଏବଂ ସୁବାସିନୀ ବେହେରା, ଓଡ଼ିଆ ଅଧ୍ୟାପିକା ସମ୍ମାନୀତ ଅତିଥି ଭାବରେ ମଚାଂସୀନ ଥିଲେ । ଏହି ଅବସରରେ ବିଜୟ କୁମାର ବିଶ୍ୱାଳ, ବନ ପାଳ, ନାକଟିଦେଉଳ ବନରକ୍ଷୀ ଭାଗ୍ୟଶ୍ରୀ ବେହେରା ଓ ଅଜିତ କୁମାର ସାହୁ ଉପସ୍ଥିତ ଥିଲେ । ଅଧାପକ ଶରତ କୁମାର ଶତପଥୀ, ପ୍ରଫୁଲ୍ଲ କୁମାର ପ୍ରଧାନ ଏବଂ ଛାତ୍ରୀ ରୁପାଲି ମହାପାତ୍ର, ପ୍ରଜ୍ଞା ପରିମିତା ବେହେରା, ଲିପ୍ସା ସାହୁ, ସ୍ମିତାସ୍ନିଗଧା ରଥ ଓ ଛାତ୍ର ବଳରାମ ଦେହୁରୀ ବନ ମହୋତ୍ସବ ର ଗୁରୁତ୍ୱପାତ କରିଥିଲେ । ଇଂରାଜୀ ଅଧାପକ ପତିତ ମହାନନ୍ଦ ପ୍ରାରମ୍ଭିକ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଖେଳ ଶିକ୍ଷକ ଭବରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିଥି ଗଣ ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ୨୦୧ ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା ।

# ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଦିବସ ଉପଲକ୍ଷେ ଶୁଭ ନାମକରଣ ଉତ୍ସବ

ସମ୍ବଲପୁର,୮/୭(ନି/ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା କଲ୍ୟାଣ ମଣ୍ଡପ ଠାରେ ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଦିବସ ଉପଲକ୍ଷେ ଖଣ୍ଡୋକଟା ପଂଚାୟତରେ ଶୁଭ ନାମକରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଏତ୍ରା ମଣ୍ଡଳର ସଭାପତି ରାଜକୁମାର ରକ୍ସା, ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଖଣ୍ଡୋକଟା ପଂଚାୟତର ସରପଂଚ କୁନି ଶେଉଳ, ନାଏବ ସରପଂଚ ରାଜକିଶୋର ସେଠି, ପଂଚାୟତର ଇଓ ଆଶିଷ ତଣ୍ଡକର, ଜିଏଏସ୍ ମନୋଜ ମାଝୀ, ଅନିକୁମାର ଉର୍ମା, ଗୁଣ କିସାନ, ବୀରେନ୍ଦ୍ର ପଟେଲ, ରମଣୀ ମାଝୀ ଏବଂ ଚଏତ୍ରା ମଣ୍ଡଳର ସମସ୍ତ କର୍ମୀ, ମହିଳା ଏବଂ ପୁରୁଷ ସମସ୍ତେ ଯୋଗଦେଇ ଡାକ୍ତର ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଦିବସରେ ସାମିଲ ହୋଇଥିଲେ ।

# ଓଏସ୍‌ଓୟୁର ୧୧ତମ ପ୍ରତିଷ୍ଠା ଦିବସରେ ଅନ୍ୱେଷଣ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୮/୭(ନି/ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ), ସମ୍ବଲପୁରର ୧୧ତମ ପ୍ରତିଷ୍ଠା ଦିବସ ଉତ୍ସାହ ଓ ଗରିମାର ସହ ପାଳିତ ହୋଇଯାଇଛି । ଏହି ଅବସରରେ 'ଅନ୍ୱେଷଣ ସେଂଟର ଫର୍ ଆଡଭାନ୍ସଡ୍ ଭୋକେସନାଲ୍ ଗ୍ରୋଥ୍'ର ଉଦ୍ଘାଟନ ସହ ସେଲ୍ଫ ହେଲ୍‌ଥ କେୟାର ଓ ୱେଲନେସ୍ ସାର୍ଟିଫିକେଟ୍ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହାସହ ବିଭିନ୍ନ ରଣନୀତିକ ସହଭାଗିତା ପାଇଁ ଚାରିଟି ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା । ମୁଖ୍ୟଅତିଥି ଡ଼ଃ ମୃଦୁଲା ଟି. ପ୍ରଧାନ ଉପକୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ଉପସ୍ଥିତିରେ 'ଅନ୍ୱେଷଣ' କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଆଇଆଇଏମ୍ ନାଗପୁରର ନିର୍ଦ୍ଦେଶକ ପ୍ରଫେସର ଭୀମରାୟ ମେତ୍ରୀ, ଆଇଆଇଟି (ଆଇଏସ୍ଏମ୍) ଧାନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର, ଇଗ୍ନୋର ଉପକୁଳପତି ପ୍ରଫେସର ଉମା କାଞ୍ଜିଲାଲ, ଏଆଇସିଟିଇ ସଦସ୍ୟ ସଚିବ ପ୍ରଫେସର ଶ୍ୟାମା ରଥଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ । 'ଅନ୍ୱେଷଣ' କେନ୍ଦ୍ର ମାଧ୍ୟମରେ କୃତ୍ରିମ ବୁଦ୍ଧିମତା, ସାଇବର ସୁରକ୍ଷା, ଆନିମେସନ୍, ଭିଜୁଆଲ୍ ଇଫେକ୍ଟ୍ସ, ଗେମିଂ, କମିକ୍ସ ଓ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତି କ୍ଷେତ୍ରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଦିଆଯିବ । ବିଶେଷକରି ଯୁବବର୍ଗ, ମହିଳା ଓ ଗ୍ରାମାଂଚଳର ଶିକ୍ଷାର୍ଥୀମାନଙ୍କୁ ରୋଜଗାରକ୍ଷମ କରିବା ଏହାର ଲକ୍ଷ୍ୟ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ଃ ଚିତରଞ୍ଜନ ସାହୁ ବାର୍ଷିକ ପ୍ରତିବେଦନ ଉପସ୍ଥାପନ କରି ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ଡିଜିଟାଲ୍ ଶିକ୍ଷା, କୌଶଳ ବିକାଶ ଓ ଜାତୀୟ ସହଯୋଗ କ୍ଷେତ୍ରରେ ସଫଳତା ଉପସ୍ଥାପନ କରିଥିଲେ । ପ୍ରତିଷ୍ଠା ଦିବସର ଅନ୍ୟତମ ଆକର୍ଷଣ ଥିଲା ଇଗ୍ନୋ, ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍), ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଓ ଡାମିଟ୍ସ ସହ ଚାରିଟି ବୁଝାମଣାପତ୍ର ସ୍ୱାକ୍ଷର । ଏହି ସହଯୋଗ ମାଧ୍ୟମରେ ଗବେଷଣା, ଇଂଟର୍ନସିପ୍, କୌଶଳଭିତିକ ଶିକ୍ଷା ଓ ଶିଳ୍ପ-ଶିକ୍ଷାନୁଷ୍ଠାନ ସମନ୍ୱୟକୁ ଅଧିକ ସୁଦୃଢ଼ କରାଯିବ । ଓଏଏସ୍ ଓ ଓଏଫ୍ଏସ୍ ପରି ପ୍ରତିଷ୍ଠିତ ସରକାରୀ ସେବାରେ ସଫଳତା ହାସଲ କରିଥିବା ବିଶ୍ୱବିଦ୍ୟାଳୟର ପୂର୍ବତନ ଶିକ୍ଷାର୍ଥୀମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଗଣମାଧ୍ୟମକୁ ସମ୍ବୋଧିତ କରି ଉପକୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ କହିଥିଲେ ଯେ, ଆଗାମୀ ଦିନରେ ଓଏସ୍‌ଓୟୁ କୃତ୍ରିମ ବୁଦ୍ଧିମତାଭିତିକ ଶିକ୍ଷା, ସାଇବର ସୁରକ୍ଷା, ଆନିମେସନ୍, ଗେମିଂ, ଡିଜିଟାଲ୍ ସାକ୍ଷରତା, ମହିଳା ସଶକ୍ତିକରଣ ଓ ଏଆଇ-ସକ୍ଷମ ଶିକ୍ଷକ ପ୍ରଶିକ୍ଷଣ ଭଳି ପାଂଚଟି ପ୍ରମୁଖ କ୍ଷେତ୍ରକୁ ପ୍ରାଥମିକତା ଦେବ । ଏହି ପଦକ୍ଷେପ ଜାତୀୟ ଶିକ୍ଷା ନୀତି-୨୦୨୦, ଡିଜିଟାଲ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ସହ ସମନ୍ୱିତ ବୋଲି ସେ କହିଥିଲେ । ଶେଷରେ 'ଉଡାନ୍' ସମ୍ବଲପୁର ଓ କରଡୋଲା ଗ୍ରାମର ଶିଶୁମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତିଷ୍ଠା ଦିବସ ଉତ୍ସବ ମାଧ୍ୟମରେ ଓଏସ୍‌ଓୟୁ ଭବିଷ୍ୟତମୁଖୀ, ପ୍ରଯୁକ୍ତିନିର୍ଭର ଓ କୌଶଳଭିତିକ ଶିକ୍ଷା ପ୍ରଦାନ ଦିଗରେ ନିଜର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇଛି । ଆବଶ୍ୟକ ହେଲେ ଏହାକୁ ଟିଭି ନ୍ୟୁଜ୍ ସ୍କ୍ରିପ୍ଟ କିମ୍ବା ଭଏସ୍‌ଓଭର୍ ଶୈଳୀରେ ମଧ ପ୍ରସ୍ତୁତ କରିପାରିବି । ବିଶ୍ୱବିଦ୍ୟାଳୟର ପୂର୍ବତନ ଶିକ୍ଷାର୍ଥୀମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପଦକ୍ଷେପ ଜାତୀୟ ଶିକ୍ଷା ନୀତି-୨୦୨୦, ଡିଜିଟାଲ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ସହ ସମନ୍ୱିତ ବୋଲି ସେ କହିଥିଲେ ।

# କାଦୁଅ ସରସର ରାସ୍ତାରେ ନିତିଦିନ ଜୀବନ ସଂଘର୍ଷ :
## ଗଡ଼ଗଡ଼ବାହାଲ-ବରଙ୍ଗାମାଲ ସଡ଼କ ପାଲଟିଛି ସାମାଜିକ ସମସ୍ୟା

ଝାରସୁଗୁଡ଼ା,୮/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ତିଲିଆ ପଂଚାୟତ ଅଧୀନ ସିଂହେଇପାଲି-ଗଡ଼ଗଡ଼ବାହାଲ-ବରଙ୍ଗାମାଲକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବର୍ଷା ଦିନରେ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି । ଲଗାତାର ବର୍ଷାରେ ସମ୍ପୂର୍ଣ୍ଣ ରାସ୍ତା କାଦୁଅରେ ଭରିଯାଇ ଯାତାୟାତ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡ଼ିଛି । ଦୈନିକ ଏହି ରାସ୍ତା ଦେଇ ଶତାଧିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଚାଷୀ, ଶ୍ରମିକ ଏବଂ ସାଧାରଣ ଗ୍ରାମବାସୀ ଯାତାୟାତ କରୁଥିବାବେଳେ ସେମାନେ ନିତିଦିନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ପ୍ରଥମ ଶ୍ରେଣୀର କୋମଳମତି ଶିଶୁଙ୍କ ଠାରୁ ଆରମ୍ଭ କରି ସ୍କୁଲ ଓ କଲେଜ ପଢୁଆଙ୍କ ପାଇଁ ଏହି ରାସ୍ତା ଅତ୍ୟନ୍ତ ବିପଜ୍ଜନକ ପାଲଟିଛି । କାଦୁଅ ଭରା ରାସ୍ତାରେ ପ୍ରତିଦିନ ଖସିପଡ଼ିବାର ଆଶଙ୍କା ମଧ୍ୟରେ ଯାତାୟାତ କରିବାକୁ ପଡୁଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ିଛି । ଜରୁରୀ ପରିସ୍ଥିତିରେ ରୋଗୀ ପରିବହନ ମଧ ବାଧାପ୍ରାପ୍ତ ହେଉଥିବାରୁ ଏହି ସମସ୍ୟା କେବଳ ଯାତାୟାତରେ ସୀମିତ ନ ରହି ଏକ ଗୁରୁତର ସାମାଜିକ ସମସ୍ୟାର ରୂପ ନେଇଛି । ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ଧରି ରାସ୍ତା ନିର୍ମାଣ ପାଇଁ ପଂଚାୟତ, ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ଜଣାଇଥିଲେ ମଧ ସ୍ଥାୟୀ ସମାଧାନ ହୋଇନାହିଁ । ୨୦୨୪ ଜୁଲାଇ ୨୯ରେ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ରାସ୍ତାର ଦୁରବସ୍ଥା ସମ୍ପର୍କରେ ଭିଡିଓ ସହ ଦାବିପତ୍ର ଦିଆଯାଇଥିଲା । ସେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ଏପର୍ଯ୍ୟନ୍ତ ଭୂମିସ୍ତରରେ କାମ ଆରମ୍ଭ ହୋଇନାହିଁ । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଆଶିଷ ଲେଙ୍କା କହିଛନ୍ତି ଯେ, ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଛି ଏବଂ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ତେବେ ବର୍ଷା ଋତୁରେ ରାସ୍ତାର ଦୟନୀୟ ସ୍ଥିତି ଯୋଗୁଁ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାରୁ ତୁରନ୍ତ ନିର୍ମାଣ କାମ ଆରମ୍ଭ କରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଅଂଚଳବାସୀ ଦୃଢ଼ ଦାବି କରିଛନ୍ତି ।






# ବିସ୍ଥାପିତଙ୍କ ଧାରଣା ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ରାଉରକେଲା,୮/୭(ନି/ପ୍ର): ଆଜି ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ- ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରତିବାଦ ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା ଏବଂ ବିସ୍ଥାପିତ ସଂଘ ନେତା ଖାଡା କୁଜୁରଙ୍କ ନେତୃତ୍ୱରେ, ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପୁରୁଣା ଦାବିକୁ ପୁନରାବୃତି କରି ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ ପକ୍ଷରୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୦୧୩ ଫେବୃୟାରୀ ୮ ତାରିଖ ଦିନ ୫ମ ଆରପିଡିଏସି ବୈଠକରେ ବିସ୍ଥାପିତ ବଢତି ପରିବାରର ସଦସ୍ୟମାନଙ୍କୁ ୩ ମାସ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି ଦେବା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଥିଲା । କିନ୍ତୁ ଦୀର୍ଘ ୬ ବର୍ଷ ମଧ୍ୟରେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରି ନଥିଲା । ତେଣୁ ୨୦୧୯ ଷଷ୍ଠ ଆରପିଡିଏସି ବୈଠକ ପାନପୋଷ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ବିସ୍ଥାପିତ ବଢତି ପରିବାରର ୧୦୯୮ ଜଣଙ୍କୁ ଚାକିରି ଦେବା ପାଇଁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ବୋର୍ଡରେ ପାରିତ କରି ଅଧିକରୁ ଅଧିକ ଚାକିରି ଦେବା ପାଇଁ ତତ୍କାଳୀନ ଉତରାଂଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ରାଉରକେଲା ଇସ୍ପାତ କାରଖାନା କର୍ତୃପକ୍ଷ ସେହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନାହାଁନ୍ତି । ଏଥିସହିତ ସପ୍ତମ ଆରପିଡିଏସି ବୈଠକ କେବେ କରାଯିବ, ତାହାର ମଧ୍ୟ କୌଣସି ନିଷ୍ପତି ନିଆଯାଇ ନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ, ଜଣେ ବିଭାଗୀୟ ଅଧିକାରୀଙ୍କୁ ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ - ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏଥିସହିତ ଯଦି ୧୫ ଦିନ ମଧ୍ୟରେ ଏହି ମାମଲାର ଶୁଣାଣି ନ ହୁଏ ତେବେ ବିସ୍ଥାପିତ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦର ଚେତାବନୀ ଦିଆଯାଇଛି ।

# ଟ୍ରକ୍ ଧକ୍କାରେ ରାଉରକେଲା ଇସ୍ପାତ କାରଖାନାର ଜୁନିୟର ଇଞ୍ଜିନିୟର ଲିଓନାର୍ଡ ଲାକ୍ରାଙ୍କ ମୃତ୍ୟୁ



ରାଉରକେଲା,୮/୭(ନି/ପ୍ର): ବେପରୁଆ ଗାଡି ଚାଳନା ଯୋଗୁଁ ରାଉରକେଲା ଇସ୍ପାତ କାରଖାନା ଏଚ୍‌ଏସ୍‌ଏମ୍-୨ ବିଭାଗରେ କାର୍ଯ୍ୟରତ ଜଣେ ଜୁନିୟର ଇଞ୍ଜିନିୟର ଲିଓନାର୍ଡ ଲାକ୍ରା (୨୭ ବର୍ଷ)ଙ୍କ ରାଉରକେଲା ଇସ୍ପାତ କାରଖାନାର ତରକେରା ଏନ୍‌ଏଚ୍-୧୪୩ର ସ୍ଲାଗ୍ ଗେଟ୍ ଠାରେ ମୃତ୍ୟୁ ଘଟିଛି । ଲିଓନାର୍ଡ ଲାକ୍ରା ତାଙ୍କ ମୋଟରସାଇକେଲ ଯୋଗେ ଏ-ସିଫ୍ଟ ଡ୍ୟୁଟିକୁ ଆସୁଥିବା ବେଳେ, ତାଙ୍କୁ ଏକ ଆଇରନ୍ ବୋଝେଇ ଟ୍ରକ ସକାଳ ୫ଟା ୪୫ ସମୟରେ ପଛ ପଟୁ ଧକ୍କା ଦେଇଥିଲା । ସୂଚନା ଅନୁସାରେ ଆଜି ସକାଳ ୫ଟା ୩୦ ସମୟରେ ରାଉରକେଲା ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ଜଲଦା ସି ବ୍ଲକରେ ରହୁଥିବା ଲିଓନାର୍ଡ ଲାକ୍ରା (୨୭) ନିଜର ହିରୋ ଆଇ-ସ୍ମାର୍ଟ (ରେଜିଷ୍ଟ୍ରେସନ୍ ନଂ ଓଡି ୧୪ଜେ ୦୭୭୬) ମୋଟରସାଇକେଲରେ ରାଉରକେଲା ଇସ୍ପାତ କାରଖାନାର ଏ-ସିଫ୍ଟ ଡ୍ୟୁଟିକୁ ଆସୁଥିଲେ । ସକାଳ ୫ଟା ୪୫ରେ ଏନ୍‌ଏଚ୍ - ୧୪୩ର ତରକେରା ସ୍ଲାଗ୍ ଗେଟ୍ ଠାରେ ଏକ ଆଇରନ୍ ବୋଝେଇ ଟ୍ରକ ଯାହାର ରେଜିଷ୍ଟ୍ରେସନ୍ ନମ୍ବର ସିଜି ୧୫ ଇସି-୮୨୨୨, ଲିଓନାର୍ଡ ଲାକ୍ରାଙ୍କୁ ପଛପଟରୁ ଧକ୍କା ଦେଇଥିଲା । ଫଳରେ ଲିଓନାର୍ଡ ଲାକ୍ରା ତଳେ ପଡିଯାଇଥିଲେ । ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ)କୁ ନିଆଯାଇଥିଲା । ସେଠାରେ ଡାକ୍ତର ଲିଓନାର୍ଡ ଲାକ୍ରାଙ୍କୁ ମୃତ ଘୋଷଣା କରିଥିଲେ । ଆଇରନ୍ ବୋଝେଇ ଟ୍ରକକୁ ରାଉରକେଲା ରଘୁନାଥପାଲ୍ଲୀ ପୋଲିସ୍ ପକ୍ଷରୁ ଜବତ୍ କରାଯିବା ସହ ଦୁର୍ଘଟଣାର ତଦନ୍ତ ଜାରି ରହିଛି । ବେପରୁଆ ଗାଡି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଛି ବୋଲି ମୃତ ଲିଓନାର୍ଡ ଲାକ୍ରାଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବି କରାଯାଇଛି ।

# ବ୍ରାଉନ ସୁଗାର ଜବତ୍ ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କଲା ରାଉରକେଲା ପୋଲିସ



ରାଉରକେଲା,୮/୭(ନି/ପ୍ର): ଆଜି ସକାଳେ ପ୍ଲାଟଂସାଇଟ୍ ଥାନାର ଏସ୍‌ଆଇ ସିଦ୍ଧାର୍ଥ ପ୍ରଧାନ ଥାନା ପୁଲିସ କର୍ମଚାରୀଙ୍କ ସହିତ ପ୍ଲାଟଂସାଇଟ୍ ଥାନା ଅଂଚଳରେ ଦିନ ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ରାଉରକେଲାର ଟ୍ରାଫିକ୍ ଗେଟ୍ ସ୍ଥିତ ଚାରି ଚକିଆ ପାର୍କିଂରେ ଏକ ଅବକାରୀ (ଘଉଚଝ) ମାମଲା ଚିହ୍ନଟ କରିଥିଲେ । ଅଭିଯୁକ୍ତ ମହମ୍ମଦ ଆଫତାବ ସ୍କୁଲ ଏବଂ କଲେଜ ଯାଉଥିବା ଛାତ୍ରମାନଙ୍କ ସମେତ ନିରୀହ ଲୋକଙ୍କୁ ନିଜର ଆର୍ଥିକ ଲାଭ ପାଇଁ ବିକ୍ରୟ କରିବା ଉଦ୍ଦେଶ୍ୟରେ ବ୍ରାଉନ ସୁଗାର ଅର୍ଥାତ୍ ନିଷେଧିତ ହେରୋଇନ୍ ନିଜ ପାଖରେ ରଖି ବିକ୍ରୟ କରିବା ପାଇଁ ନେଉଥିଲେ । ପୁଲିସ ପକ୍ଷରୁ ତାଙ୍କୁ ଗିରଫ କରାଯିବା ସହିତ ୧୮ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି । ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଟଂସାଇଟ୍ ଥାନା ଅଧିନସ୍ଥ ଗୋପବନ୍ଧୁପାଲ୍ଲି ୱାର୍ଡ ନମ୍ବର-୪ର ଏମଡି ଅଫତାବ (ବୟସ ୩୧ ବର୍ଷ) । ଅଭିଯୁକ୍ତ ଏମଡି ଅଫତାଭଙ୍କ ନିକଟରୁ ମୋଟ ୧୮ ଗ୍ରାମ ଚୋରା ହେରୋଇନ୍ ଜବତ କରାଯିବା ସହ ଗୋଟିଏ ହିରୋ କୀପ୍ୟାଡ୍ ମୋବାଇଲ୍ ଫୋନ୍, ଗୋଟିଏ ଟିଭିଏସ୍ ଜୁପିଟର ସ୍କୁଟି ଯାହାର ପଞ୍ଜିକରଣ ନମ୍ବର ଙଉ-୧୪୫-୮୯୧୮କୁ ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତ ବିରୋଧରେ ପୂର୍ବରୁ ପ୍ଲାଟଂସାଇଟ୍ ଥାନାରେ ୪ଟି ଅପରାଧିକ ମାମଲା ରହିଛି । ଅଭିଯୁକ୍ତ ଏମଡି ଅଫତାଭ ବିରୋଧରେ ପ୍ଲାଟଂସାଇଟ୍ ଥାନା କେସ୍ ନମ୍ବର-୭୦୭/ତା୦୮-୭-୨୦୨୬ରିଖରେ ଏକ ମାମଲା ରୁଜୁ କରାଯିବା ସହ ୨୧(ବି)/୨୫ ଏନଡିପିଏସ୍ ଧାରାରେ କୋର୍ଟ ଚାଲାଣ କରାଯାଇଛି ।

# ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ଜିଲ୍ଲା ବିଜେପି କାର୍ଯ୍ୟକର୍ତା ସମ୍ମିଳନୀ



ରାଉରକେଲା,୮/୭(ନି/ପ୍ର): ଜିଲ୍ଲା ବିଜେପିର ରାଉରକେଲା ସାଙ୍ଗଠନିକ ଜିଲ୍ଲା ଆନୁକୂଲ୍ୟରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀରେ ବିଜେପିର ଜିଲ୍ଲା କାର୍ଯ୍ୟକର୍ତା ସମ୍ମିଳନୀ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧକ୍ଷତାରେ ସେକ୍ଟର-୨ ସ୍ଥିତ ସେହେନାଇ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ତରଫରୁ ରାଜ୍ୟ ସଂଯୋଜକ ଶରତ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଡଃ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରି ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ପ୍ରଥମେ ସାମୂହିକ ବନ୍ଦେ ମାତରଂ ଗାନ କରାଯାଇ ଥିଲା । ଜିଲ୍ଲା ସଭାନେତ୍ରୀ ତାଙ୍କ ସ୍ୱାଗତ ଭାଷଣରେ ସମ୍ମିଳନୀର ଉଦ୍ଦେଶ୍ୟ ଓ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଶତପଥୀ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିବା ସହିତ ସେ କିପରି କେନ୍ଦ୍ର ସରକାରରୁ ୧୯୫୦ ମସିହାରେ ଲିୟାକତ ଆକ୍ଟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନେହେରୁ ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେଇଥିଲେ ଏବଂ ୧୯୫୧ରେ ଭାରତୀୟ ଜନସଂଘ ଗଠନ କରି କଂଗ୍ରେସର ବିକଳ୍ପ ରାଜନୈତିକ ଦଳ ରୂପେ ଉଭା କରାଇଥିଲେ । ସେ ଜାମ୍ମୁ କାଶ୍ମୀରକୁ ଦିଆଯାଇ ଥିବା ସ୍ୱତନ୍ତ୍ର ପାହ୍ୟା ବିରୁଦ୍ଧରେ ସ୍ୱର ଉତୋଳନ କରିବା ସହିତ ଏକ ଦେଶରେ ଦୁଇ ବିଧାନ, ଦୁଇ ପ୍ରଧାନ, ଦୁଇ ନିଶାନ ଚଳିବ ନାହିଁ ବୋଲି ସ୍ଲୋଗାନ ଦେଇ କାଶ୍ମୀର ଅଭିମୁଖେ ୧୯୫୩ ମସିହା ମେ ମାସ ୧୧ ତାରିଖ ଦିନ ଯାତ୍ରା କରି ବନ୍ଦୀ ହେଲେ ଓ ପରିଶେଷରେ ଜୁନ୍ ୨୩ ତାରିଖ ଦିନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ରହସ୍ୟମୟ ମୃତ୍ୟୁ ଘଟିଥିଲା । ତାଙ୍କର ବଳିଦାନ ଯୋଗୁ ମୋଦି ସରକାର ତାଙ୍କ ସ୍ୱପ୍ନକୁ ସାକାର କରିବାକୁ ଯାଇ ୩୭୦ ଧାରାକୁ ଉଚ୍ଛେଦ କଲେ । ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ମଧ୍ୟ ତାଙ୍କ ବକ୍ତବ୍ୟରେ ତାଙ୍କର ବାଲ୍ୟ କାଳ, ରାଜନୈତିକ ସଂଘର୍ଷ ଓ ବଳିଦାନ ଉପରେ ଆଲୋକ ପାତ କରିଥିଲେ । ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଶାସନ ଓ ରାଜ୍ୟ ସରକାରଙ୍କ ୨ ବର୍ଷର ଶାସନ କାଳରେ ହୋଇଥିବା ଉପଲବ୍ଧି ତଥା ବିବିଧ ଜନ ହିତକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ସମଗ୍ର ଦେଶରେ ବିଜେପି ତରଫରୁ ଚାଲିଥିବା ଡ଼ିଜିଟାଲ୍ ପ୍ରଶିକ୍ଷଣ ସକ୍ଷମ କାର୍ଯ୍ୟକର୍ତ୍ତା , ସଶକ୍ତ ସଂଗଠନ ଗଠନ କରି ସେଥିରେ କିପରି ସମସ୍ତେ ଯୋଡ଼ି ହେବେ ସେ ଉପରେ ଚର୍ଚ୍ଚା କରିଥିଲେ । ରାଜ୍ୟ ପ୍ରବକ୍ତା ଧୀରେନ୍ ସେନାପତି ଓ ଅନ୍ୟ ନେତୃବୃନ୍ଦ ସଂଗଠନକୁ ସୁଦୃଢ଼ ଓ ଶକ୍ତି ଶାଳୀ କିପରି କରାଯିବ ତା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଜିଲ୍ଲା ମୁଖପାତ୍ର ତଥା ଜନ ସଂଘରୁ ବିଜେପିରେ ସକ୍ରିୟ ଭାବେ କାର୍ଯ୍ୟ କରି ଆସୁଥିବା କାର୍ଯ୍ୟକର୍ତା ଗଙ୍ଗାଧର ଦାଶଙ୍କ ମଧ୍ୟ ଆଜି ୭୦ ତମ ଜନ୍ମଦିନ ପାଳନ କରାଯାଇ ଥିଲା । ବିରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମ, ପୂର୍ବତନ ଜିଲ୍ଲା ସଭାପତି ଜଗବନ୍ଧୁ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ରଂଜିତ ନାୟକ, ଅଭିରାମ ମହାକୁଲ ଏବଂ ନିରଞ୍ଜନ ମହନ୍ତ, ଜିଲ୍ଲା ଉପସଭାପତି ମନୋଜ ସେନାପତି, ସତ୍ୟପ୍ରିୟ ସାହୁ, ସୁନିଲ ତିୱାରୀ, ଶ୍ରୀମତୀ ପଦ୍ମିନୀ ଦାଶ, ଅରବିନ୍ଦ ନାଥ ଶର୍ମା ଏବଂ ଜିଲ୍ଲା କୋଷାଧକ୍ଷ ସତ୍ୟ ଶର୍ମା ମଚାଂସୀନ ଥିଲେ । ନିରଞ୍ଜନ ମହନ୍ତ ମଂଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଭିରାମ ମହାକୁଲ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା, ମଣ୍ଡଳ, ଶକ୍ତିକେନ୍ଦ୍ର ତଥା ବୁଥ ସ୍ତରୀୟ କାର୍ଯ୍ୟକର୍ତା ଓ କର୍ମୀ ଶତାଧିକ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ଭାବପୂର୍ଣ୍ଣ ସ୍ମୃତି ଚାରଣ ଓ ସ୍ମରଣିକା ଉନ୍ମୋଚିତ

ଭଦ୍ରକ,୮/୭(ନି/ପ୍ର) :ଶିକ୍ଷା ଓ ଆଧ୍ୟାତ୍ମିକତାର ମହାସମନ୍ୱୟ ଥିଲେ ଅବସରପ୍ରାପ୍ତ ଶିକ୍ଷକ ତଥା ପରୋପକାରୀ ସାଧୁ ମହେଶ୍ୱର ସାହୁ (ଦାସ) । ତାଙ୍କର ପରଲୋକ ପରେ ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଚାଂୟତର ଇଟୁଆ ଗ୍ରାମସ୍ଥିତ ତାଙ୍କ ବାସଭବନ ପରିସରରେ ଏକ ଭାବପୂର୍ଣ୍ଣ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତାଙ୍କ ଜୀବନୀକୁ ଆଧାର କରି ଏକ ସ୍ମରଣିକା ଉନ୍ମୋଚନ କରାଯାଇଛି ।ମଙ୍ଗଳବାର ଦିନ ଆୟୋଜିତ ଏହି ସଭାରେ ବକ୍ତାମାନେ ସ୍ୱର୍ଗତ ସାହୁଙ୍କୁ ଜଣେ ଆଦର୍ଶ ଶିକ୍ଷକ, ଛାତ୍ରବତ୍ସଳ, ଧର୍ମପରାୟଣ ଏବଂ ସମାଜସେବୀ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ । ସାପକାଟିଆ ମଠର ଟ୍ରଷ୍ଟି ଭାବେ ତାଙ୍କର ଆଧ୍ୟାତ୍ମିକ ଅବଦାନ ଓ ସମାଜ ପ୍ରତି ଥିବା ସମର୍ପଣ ଭାବ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲା ।ଛାତ୍ର ତଥା ସମାଜସେବୀ ଖିରୋଦ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଦୋବଲ ସରପଂଚ ଅଶୋକ କୁମାର ପଣ୍ଡା କହିଥିଲେ ଯେ, ମହେଶ୍ୱର ବାବୁଙ୍କ ଭଳି ମହାନ ବ୍ୟକ୍ତିଙ୍କ ସ୍ମୃତି ଚିରକାଳ ଅମଳିନ ରହିବ । ବରିଷ୍ଠ ବିଜେପି ନେତା ତଥା ତାଙ୍କର ପୁରାତନ ଛାତ୍ର ବଦ୍ରି ନାରାୟଣ ଧଳ ସ୍ୱର୍ଗତ ସାହୁଙ୍କ ସହ ତାଙ୍କର ଅତୀତର ସ୍ମୃତି ରୋମନ୍ଥନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଏହି ସଭାରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଶିକ୍ଷାବିତି ଯୁଧିଷ୍ଠିର ପଣ୍ଡା, ଦଧିବାମନ ମିଶ୍ର, ଶରତ ସାହୁ, ଭୋଳାନାଥ ସାହୁ, ଗୋବିନ୍ଦ ତ୍ରିପାଠୀ, ଲକ୍ଷ୍ମୀଧର ପଣ୍ଡା, ଗୌରାଙ୍ଗ ମଲିକ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ମନୋଜ ଦାସ, ସଞ୍ଜୀବ ମହାନ୍ତି ଏବଂ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରି ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ ପାଳିତ

ମାଲକାନଗିରି,୮/୭(ନି/ପ୍ର): ମାଲକାନଗିରିର ମହିଳା ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ ପାଳିତ ହୋଇଛି । ଏଥିରେ ଜିଲ୍ଲାପାଳ,ପୋଲିସ ଅଧିକ୍ଷକ, ଡିଏଫଓ, ଜିଲ୍ଲା ଜଜ୍, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ମାନ୍ୟବର ସାଂସଦ ଏବଂ ବିଧାୟକଙ୍କ ପ୍ରତିନିଧି, ବିଏସଏଫ ଅଧିକାରୀ, ଭିଏସଏସ ସଦସ୍ୟ, କ୍ଷେତ୍ର କର୍ମଚାରୀ, ଛାତ୍ର ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବର ଏକ ଅଂଶ ଭାବରେ, ବୃକ୍ଷରୋପଣ ଅଭିଯାନ କରାଯାଇଥିଲା ଏବଂ ପ୍ରାୟ ୨୦୦ ଚାରା ରୋପଣ କରାଯାଇଥିଲା । ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ଏବଂ ଜଙ୍ଗଲ ଅଗ୍ନି ପରିଚାଳନାରେ ସକ୍ରିୟ ଭୂମିକା ପାଇଁ ରାଜୁଲକୋଣ୍ଡା ଭିଏସଏସକୁ ମୁଖ୍ୟମନ୍ତ୍ରୀ ପୁରସ୍କାର (ସବ-ଡିଭିଜନ ସ୍ତରୀୟ) ସହିତ ସମ୍ମାନିତ କରାଯାଇଥିଲା । କୁଡୁମୁଲୁଗୁମ୍ମା ସେକ୍ସନ ଏବଂ ଡଙ୍କରାଇ ସେକ୍ସନ, ସେମାନଙ୍କର କ୍ଷେତ୍ର କର୍ମଚାରୀ, ଅଗ୍ନିଶମ ସ୍କ୍ୱାଡ୍ ସଦସ୍ୟ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ, ନିରନ୍ତର ତଦାରଖ ଏବଂ ସକ୍ରିୟ ସମ୍ପ୍ରଦାୟ ଅଂଶଗ୍ରହଣ ମାଧ୍ୟମରେ ରିପୋର୍ଟ ହୋଇଥିବା ଜଙ୍ଗଲ ଅଗ୍ନି ବିନ୍ଦୁକୁ ଶୂନ୍ୟକୁ ହ୍ରାସ କରିବା ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଭାଗ ଭାବରେ ସମ୍ମାନିତ କରାଯାଇଥିଲା । ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ପରିବେଶ ସଂରକ୍ଷଣରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରି ଜନସାଧାରଣଙ୍କୁ ଚାରା ବଣ୍ଟନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ପ୍ରତିଯୋଗୀତା

ଭଦ୍ରକ, ୮/୭(ନି/ପ୍ର) :ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ପୂର୍ଣ୍ଣତିଥି ଅବସରରେ ଭଦ୍ରକ ଜିଲ୍ଲା ବନ୍ତ ଶିଶୁ ମନ୍ଦିରରେ ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଚିତ୍ରାଙ୍କନରେ ୪୪ ଓ ସାଧାରଣଜ୍ଞାନରେ ୫୫ କୁ ମିଶାଇ ମୋଟ ୯୯ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ସୁକାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସାହିତ୍ୟିକ ଜଗନ୍ନାଥ ପାତ୍ର ପୁରସ୍କାର ବିତରଣୀ ସଭାକୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବନ୍ତ ଥାନା ଏସ.ଆଇ ଅସ୍ମିତା ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦାମୋଦର ନାୟକ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ସାହୁ , ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା, ଶିକ୍ଷକ ଶ୍ରୀକାନ୍ତ ପଣ୍ଡା, ସ୍ତମ୍ଭକାର ସୁବୋଧ ସାହୁ ଅତିଥି ଭାବେ ଯୋଗଦେଇ ସୁପ୍ତ ପ୍ରତିଭାକୁ ବିକଶିତ କରିବା ଓ ଉତ୍କଳମଣୀ ଗୋପବନ୍ଧୁଙ୍କ ଭଳି ସମାଜପ୍ରତି ଅଙ୍ଗୀକାର ବଦ୍ଧତା ମୁହିଁତ ନୁହେଁ ମୋହରି ପାଇଁ ସବୁରି ପାଇଁ ମୋହରି ପ୍ରାଣ ଚେତନା ବଦ୍ଧ ଉଦ୍‌ବୁଦ୍ଧ ହେବାକୁ କହିବା ସହ ଗୋପବନ୍ଧୁ ନାହାଁନ୍ତି ସତ ହେଲେ ସାଧାରଣ ଜୀବନରେ ତାଙ୍କର ଉପସ୍ଥିତି ବାରିହୋଇ ପଡ଼େ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ଚିତ୍ରାଙ୍କରେ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ନିମାପଡ଼ାର ବର୍ଷା ପ୍ରିୟଦର୍ଶନୀ ବିଶ୍ୱାଳ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ଟିଲୋର ସାଇ ସମ୍ପୂର୍ଣ୍ଣା ସ୍ୱାଇଁ ଦ୍ୱିତୀୟ, ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ନିମାପଡ଼ାର ପ୍ରଭୁଦତ କରଶର୍ମା ତୃତୀୟ ଏବଂ କୁଇଜରେ ପଚାଂୟତ ହାଇସ୍କୁଲ ପଧାନପଡ଼ାର ବିଷ୍ଣୁପ୍ରିୟା ପଣ୍ଡା ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବନ୍ତର ସଂଦୀପ ଜେନା ଦ୍ୱିତୀୟ, ପଚାଂୟତ ହାଇସ୍କୁଲ ପଧାନପଡ଼ାର ରୀୟା ସେଠୀ ତୃତୀୟଙ୍କୁ ପ୍ରମାଣପତ୍ର ଓ ଅର୍ଥରାଶି ଅତିଥିମାନେ ପ୍ରଦାନ କରିଥିଲେ । ଶିକ୍ଷକ ରମାକାନ୍ତ ଜେନା ଅତିଥିଙ୍କୁ ମଂଚ ଆହ୍ୱାନ,ସାମ୍ବାଦିକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଓ ଉଦେଶ୍ୟ ଜ୍ଞାପନ କରିଥିଲେ । କଳା ଶିକ୍ଷକ ରମେଶ ପ୍ରସାଦ କର ଓ ଚିତ୍ରଶିଳ୍ପୀ ନମିତା ବେହେରା ଚିତ୍ରାଙ୍କନ ଖାତାର ମୂଲ୍ୟାଙ୍କନ କରିଥିଲେ । ସସ୍ମିତା ଦାସ ପଞ୍ଜିକରଣ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ଆଲୋକ ରଞ୍ଜନ ମୁଖାର୍ଜିମାମାଲି ପତି, ଭରତ ଚନ୍ଦ୍ର ପଣ୍ଡା,ସୂର୍ଯ୍ୟମଣି ଜେନା,ଶସ୍ମିତା ପଣ୍ଡା,ଆଶିଷ ସାହୁ ପରିଚାଳନାରେ କରିଥିଲେ ।

## ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ

ଯାଜପୁର,୮/୭(ନି/ପ୍ର): ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରିଲେ ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ । ଯାଜପୁର ଜ଼ିଲ୍ଲା ଦଶରଥପୁର ବ୍ଲକ ମଲ୍ଲୀକାପୁର ପଂଚାୟତ ମହାନ୍ତିପଟଣା ଗ୍ରାମରେ ଯାଜପୁର ଜ଼ିଲ୍ଲା ପ୍ରଶାସନ ଏକ ବିଦେଶୀ ଠିପି ଖୋଲା ମଦ ଦୋକାନ ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିଛନ୍ତି ।

# ସେଲ୍, ଆର.ଏସ.ପିର ବ୍ୟାପକ ବୃକ୍ଷରୋପଣ ଅଭିଯାନ ; ରାଉରକେଲାରେ ସୃଷ୍ଟି କରିଛି ଏକ ସବୁଜ ବଳୟ

ରାଉରକେଲା,୮/୭(ନି/ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା ନିଜର ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସଂରକ୍ଷଣ ପ୍ରତି ଥିବା ନିଜର ପ୍ରତିବଦ୍ଧତାକୁ ସଦାସର୍ବଦା ବଜାୟ ରଖିଛି, ଯାହା ରାଉରକେଲା ଏବଂ ଏହାର ଆଖପାଖ ଅଞ୍ଚଳର ବୀସ୍ତିର୍ଣ୍ଣ ଭୂଭାଗକୁ ସବୁଜିମାପୂର୍ଣ୍ଣ କରିପାରିଛି । ବ୍ୟାପକ ବୃକ୍ଷରୋପଣ ଅଭିଯାନ ଏବଂ ଅନ୍ୟାନ୍ୟ ବନୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଗତ ବର୍ଷଗୁଡ଼ିକରେ ୫୨ ଲକ୍ଷରୁ ଅଧିକ ଗଛ ଲଗାଇ ଆର.ଏସ.ପି ସହର ଚାରିପାଖରେ ଏକ ସବୁଜ ବଳୟ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୦୭ ମସିହାରେ ଆରମ୍ଭ ହୋଇଥିବା ଏହାର ବାର୍ଷିକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆର.ଏସ.ପିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶ ଅନୁକୂଳ ପଦକ୍ଷେପ ମଧ୍ୟରୁ ଏକ ପ୍ରମୁଖ ପଦକ୍ଷେପ ପାଲଟିଛି । ପ୍ରତିବର୍ଷ ଏକ ନୂତନ ସ୍ଥାନ ଚିହ୍ନଟ କରାଯାଇ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସକ୍ରିୟ ସହଭାଗିତାରେ ଏହାକୁ ଏକ ସବୁଜ ଅଞ୍ଚଳ ଭାବରେ ବିକଶିତ କରାଯାଏ । ୨୦୦୭ ମସିହାରେ ସେକ୍ଟର-୨ ସ୍ଥିତ ଏନ.ଆଇ.ଟି ରୋଡ୍‌ରେ; ଇସ୍ପାତ ଉଦ୍ୟାନରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, ଇସ୍ପାତ ସହରର ବିଭିନ୍ନ ସ୍ଥାନରେ ଅନେକ ସବୁଜ ସ୍ଥାନର ବିକାଶ ସହିତ ବର୍ଷ ବର୍ଷ ଧରି କ୍ରମାଗତ ଭାବେ ଏହାର ପରିମାଣ ବୃଦ୍ଧି ପାଇଛି । ଏଗୁଡ଼ିକ ମଧ୍ୟରେ ଏୟାରପୋର୍ଟ ନିକଟରେ ଇସ୍ପାତ ଏୟାରପୋର୍ଟ ଉଦ୍ୟାନ, ଗ୍ରୀନ୍ ପାର୍କ ସେକ୍ଟର-୮ ରେ ଇସ୍ପାତ ଫ୍ରୁଟ୍ ଗାର୍ଡେନ, ଏୟାରପୋର୍ଟ ରୋଡ୍‌ରେ ଇସ୍ପାତ ଉପବନ ସେକ୍ଟର- ୮ ଆଇ.ଏଲ.ଏସ ସ୍କୁଲ ନିକଟରେ ଇସ୍ପାତ ବନ ବାଟିକା ସେକ୍ଟର-୬ ରେ ଇସ୍ପାତ ପ୍ରକୃତି ଉଦ୍ୟାନ, ରାଉରକେଲା ହାଉସ୍ ନିକଟରେ ଇସ୍ପାତ ବନ ବିହାର ସେକ୍ଟର-୨ ଦୀପିକା ମହିଳା ଜାଗୃତି ସଂସ୍ଥାନ ନିକଟରେ ଇସ୍ପାତ ପର୍ଯ୍ୟାବରଣ ଉଦ୍ୟାନ, ସେକ୍ଟର-



୨୦ ରାଉରକେଲା ହାଉସ୍ ପଛପଟେ ଇସ୍ପାତ ହରିତ ଉଦ୍ୟାନ, ସେକ୍ଟର-୭ ଇଲେକ୍ଟ୍ରିକାଲ୍ ସବ୍-ଷ୍ଟେସନ୍ ନିକଟରେ ଇସ୍ପାତ ବନସ୍ଥଳୀ ସେକ୍ଟର-୧ ଏନ.ଏ.ସି ସ୍କୁଲ ନିକଟରେ ଇସ୍ପାତ ବନାନୀ ଇସ୍ପାତ ଷ୍ଟାଡିୟମ୍ ନିକଟରେ ଇସ୍ପାତ ବୃକ୍ଷ ଉଦ୍ୟାନ, ସେକ୍ଟର-୧ ରେ ଇସ୍ପାତ ନନ୍ଦନ ବିହାର ସେକ୍ଟର-୮ ରେ ଇସ୍ପାତ ଫଳ ଉଦ୍ୟାନ ସେକ୍ଟର-୨୦ ବେଥାନୀ ଚର୍ଚ୍ଚ ରୋଡ୍‌ରେ ଇସ୍ପାତ ଅରଣ୍ୟ ବାଟିକା, ସେକ୍ଟର-୧ରେ ଇସ୍ପାତ ବୃକ୍ଷ ବିହାର, ସେକ୍ଟର-୨୦ରେ ଇସ୍ପାତ ଅରଣ୍ୟ ଉଦ୍ୟାନ; ଏବଂ ଜାଗଦା ସ୍ଥିତ ଗୋପାଳଟୋଲିଠାରେ ଇସ୍ପାତ ସବୁଜ ବନ ଅନ୍ତର୍ଭୁକ୍ତ । ଏହି ବୃକ୍ଷରୋପଣ ଗୁଡ଼ିକ କେବଳ ସହରର ସବୁଜିମାକୁ ବୃଦ୍ଧି କରିନାହିଁ, ବରଂ ବାୟୁର ଗୁଣବତ୍ତା ସୁଧାରିବା, ଜୈବ ବିବିଧତା ସଂରକ୍ଷଣ କରିବା, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ଏବଂ ସମାଜ ପାଇଁ ସୁସ୍ଥ ସର୍ବସାଧାରଣ ସ୍ଥାନ ସୃଷ୍ଟି କରିବାରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ଦେଇଛି । ଏହି ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାୟୀ ବିକାଶ ଏବଂ ପରିବେଶ ପରିଚାଳନା ପ୍ରତି ଆର.ଏସ.ପି ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ବର୍ଷକୁ ବର୍ଷ କ୍ରମାଗତ ଭାବେ ସବୁଜ ବଳୟର ସମ୍ପ୍ରସାରଣ କରି ଆର.ଏସ.ପି ପରିବେଶଗତ ଦାୟିତ୍ୱବୋଧ ସହିତ ଶିଳ୍ପ ଅଭିବୃଦ୍ଧିର ସନ୍ତୁଳନ ରକ୍ଷା କରିବା ଦିଗରେ ନିଜର ଦୂରଦୃଷ୍ଟିକୁ ସୁଦୃଢ଼ କରିବା ଜାରି ରଖିଛି, ଯାହା ଆଗାମୀ ପିଢ଼ି ପାଇଁ ଏକ ସବୁଜ ଏବଂ ସୁସ୍ଥ ଭବିଷ୍ୟତ ନିଶ୍ଚିତ କରୁଛି ।